**କର୍ମକାଣ୍ଡ ଜ୍ୟୋତିଷ, ଯୋଗଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ**

**ଆସିକା,(ଡି.ଏନ୍.ଏ.):** ଆସିକା ବ୍ଲକର ମଙ୍ଗଳପୁରସ୍ଥିତ ଗୋବିନ୍ଦ ଜିଉଙ୍କ ମନ୍ଦିର ପରିସରରେ ଶୁକ୍ରବାର ଆସିକା ବ୍ରାହ୍ମଣ ମହାସଂଘ ପକ୍ଷରୁ କର୍ମକାଣ୍ଡ, ଜ୍ୟୋତିଷ ଓ ଯୋଗ ଶିକ୍ଷାକେନ୍ଦ୍ର ଡିଜିଟାଲ ବୋର୍ଡର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି ଗଙ୍ଗାଧର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ସାବତ ଏବଂ ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ମିଶ୍ର, ସୁରେନ୍ଦ୍ରନାଥ ମିଶ୍ର, ବନମାଳି ସାମନ୍ତରା, ନିରୋଜ କୁମାର ପାଢ଼ୀ, ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ବ୍ରାହ୍ମଣ ମାନଙ୍କ କର୍ମକାଣ୍ଡ ଜ୍ୟୋତିଷ ଓ ଯୋଗଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ଲିଖନ ସାମଗ୍ରୀ ସହ କର୍ମକାଣ୍ଡ ପୁସ୍ତକ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ଲାଞ୍ଚ ଗ୍ରହଣ ମାମଲା, କିରାଣି ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୮।୯:** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଶନିବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ପାତ୍ରପୁର ତହସିଲର ତତ୍କାଳୀନ କିରାଣି ମନୋଜ କୁମାର ପଟ୍ଟନାୟକ। ପାତ୍ରପୁର ଗ୍ରାମର ପ୍ରକାଶ ଚନ୍ଦ୍ର ପାତ୍ର ଏକ ଘର କିଣିଥିଲେ। ଉକ୍ତ ଘର ପଟ୍ଟା ପରିବର୍ତ୍ତନ ପାଇଁ ସେ ପାତ୍ରପୁର ତହସିଲରେ ଆବେଦନ କରିଥିଲେ। କିରାଣି ମନୋଜ ଉକ୍ତ ଘରର ପଟ୍ଟା ପରିବର୍ତ୍ତନ ପାଇଁ ଆବେଦନକାରୀଙ୍କୁ ୩୦୦ଟଙ୍କା ଲାଞ୍ଚ ମାଗିଥିଲେ। ଯୋଜନା ଅନୁଯାୟୀ ୨୦୧୦ ଅଗଷ୍ଟ ୧୩ ରେ ଆବେଦନକାରୀ ଉକ୍ତ ତହସିଲକୁ ଯାଇଥିଲେ। ସେଠାରେ ସେ ୩୦୦ ଟଙ୍କା ମନୋଜଙ୍କୁ ଲାଞ୍ଚ ଦେଇଥିଲେ। ସେଠାରେ ଛକିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ମାମଲା ନମ୍ବର ୩୫/୧୦ ରେ ମନୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବ୍ରହ୍ମପୁର ଭିଜିଲାନ୍ସର ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ୍.ଏନ୍. ପାଣିଗ୍ରାହୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ କୋର୍ଟରୁ ଜାମିନ ପାଇଥିଲେ। ଶନିବାର ଏହି ମାମଲାର ଶୁଣାଣି ବେଳେ ମନୋଜ କୋର୍ଟରେ ହାଜର ହୋଇଥିଲେ। ଶୁଣାଣି ବେଳେ ୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ମନୋଜଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସୂଚନାଯୋଗ୍ୟ, ମନୋଜ ଏବେ ହିଞ୍ଜିଳିକାଟୁ ବ୍ଲକରେ କିରାଣି ଭାବେ କାର୍ଯ୍ୟରତ ଅଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଦୋରା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ, ପ୍ରଦୀପ କୁମାର ପାଣିଗ୍ରାହୀ ଓ ନରସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

### ଟାଟା ପାୱାର ସହ ଆଲୋଚନା କରିବ ବିଦ୍ୟୁତ୍ ଉପଭୋକ୍ତା ସଂଘ

**ବ୍ରହ୍ମପୁର ଅଫିସ୍,୧୮।୯:** ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପଭୋକ୍ତାଙ୍କର ବିଭିନ୍ନ ସମସ୍ୟାକୁ ନେଇ ଏକ ସପ୍ତାହ ମଧ୍ୟରେ ଟାଟା ପାୱାର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିବ ବୋଲି ଶନିବାର ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଯଦି ଉପଭୋକ୍ତା କୌଣସି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି ତେବେ ସଂଘ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଗତ ୧୬ ତାରିଖରେ ଉପଭୋକ୍ତା ସଂଘ ପକ୍ଷରୁ ଟାଟା ପାୱାର ଗ୍ରାହକ ଓ କର୍ମଚାରୀଙ୍କୁ ଶୋଷଣ, ମନମୁଖି ଜରିମାନା, ଘନ ଘନ ବିଦ୍ୟୁତ୍ କାଟ, ଲୋ ଭୋଲଟେଜ୍, ପ୍ରତି ମାସରେ ବିଲ୍ ନ ଦେବା ଓ ଗ୍ରାହକଙ୍କ ଆପତ୍ତି ଅଭିଯୋଗ ନ ଶୁଣିବା ଦାବି ଆଦିକୁ ନେଇ ଟିପିଏସ୍ଓଡିଏଲ୍ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଟାଟା ପାୱାର ଏଚ୍ଆର୍ ଦୈତାରି ସ୍ୱାଇଁ ଏକ ସପ୍ତାହ ସମୟ ପାଇଁ ସଂଘକୁ ଅନୁରୋଧ କରିଥିଲେ। ବର୍ତ୍ତମାନ ଟାଟା ପାୱାରର ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ସଂଘ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ମିଳିଥିବା ସଂଘର ସଂଯୋଜକ ଯୁଧିଷ୍ଠିର ବେହେରା ଓ ପ୍ରତାପ ଚୌଧୁରୀ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ମେଡିକାଲରେ ବଢୁଛି ଜବରଦଖଲ

**ବ୍ରହ୍ମପୁର ଅଫିସ,୧୮।୯**

**ଚିଠି ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି**


ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଉଠା ଦୋକାନ ।

ବ୍ରହ୍ମପୁର ବଡ ମେଡିକାଲରେ ଜବରଦଖଲ ବଢ଼ିବାରେ ଲାଗିଛି। ମେଡିକାଲର ମୁଖ୍ୟ ପ୍ରବେଶ ପଥଠାରୁ ଆରମ୍ଭ କରି ନୂଆ ବସ୍‌ଷ୍ଟାଣ୍ଡ ଗେଟ୍ ଯାଏ ଲମ୍ବିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ମାଳମାଳ ଦୋକାନ ଗଢ଼ି ଉଠିଛି। ଦୋକାନ ବଜାର ଯୋଗୁ ଅଧିକାଂଶ ସମୟରେ ରୋଗୀ, ଡାକ୍ତର ଓ ଆମ୍ବୁଲାନ୍ସ ଯିବା ଆସିବାରେ ଅସୁବିଧା ହେଉଛି। କେବଳ ରାସ୍ତାର ଉଭୟ ପଟରେ ନୁହଁ କ୍ୟାନ୍‌ସର ବିଭାଗ ଶୌଚାଳୟ ନିକଟରେ ଏବେ ଏକ ନିତିଦିନିଆ ବଜାର ଦେଖିବାକୁ ମିଳୁଛି। ରୋଗୀଙ୍କ ଆବଶ୍ୟକତାକୁ ଦେଖି ଏମ୍‌କେସିଜି ପକ୍ଷରୁ ଶୌଚାଳୟ ନିକଟରେ କ୍ଷୀର ତଥା ପାଉରୁଟି ବିକ୍ରି ପାଇଁ କେବଳ ଗୋଟିଏ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଥିବା ବେଳେ ସେଠାରେ ବେଆଇନ ଭାବେ ୩୦ରୁ ଅଧିକ ଦୋକାନ ଖୋଲିଛି। କିଛି ବ୍ୟବସାୟୀ ସେଠାରେ ନିଜ ପାଇଁ ସ୍ଥାନ ମଧ୍ୟ କବ୍‌ଜାକୁ ନେଇସାରିଛନ୍ତି। ଦିନକୁ ଦିନ ରୋଗୀ ଓ ସମ୍ପର୍କୀୟଙ୍କ ସଂଖ୍ୟା ବଢୁଥିବା ବେଳେ ଦୋକାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଦୋକାନ ଯୋଗୁ ଅଧିକରୁ ଅଧିକ ଆବର୍ଜନା ସୃଷ୍ଟି ହେଉଛି। ବର୍ଜ୍ୟବସ୍ତୁଗୁଡ଼ିକ ଦୀର୍ଘଦିନ ଧରି ସେଠାରେ ପଡି ରହୁଥିବାରୁ ଅଞ୍ଚଳରେ ବେଳେ ବେଳେ ପୂତିଗନ୍ଧମୟ ସୃଷ୍ଟି ହେଉଛି। କିଛି ବର୍ଷ ତଳେ ପ୍ରଶାସନ ପକ୍ଷରୁ ଏହି ବଜାରକୁ ଉଚ୍ଛେଦ କରାଯାଇଥିଲା। ପ୍ରଶାସନ ତରଫରୁ ଲୋକଦେଖାଣିଆ ଉଚ୍ଛେଦ କରି ନୀରବ ରହିଯିବାରୁ ସେଠାରେ ପୁଣିଥରେ ଦୋକାନୀମାନେ ପସରା ମେଲାଇ ବେପାର କରି ଚାଲିଛନ୍ତି। ସେହିପରି ଏମ୍‌କେସିଜି ଖେଳପଡ଼ିଆ ନିକଟରେ ପ୍ରତ୍ୟେକ ସକାଳ ଓ ସନ୍ଧ୍ୟାରେ ୨୦ରୁ ଅଧିକ ଦୋକାନ ଖୋଲିବା ସହ ରାସ୍ତାରେ ଅସମ୍ଭାଳ ଭିଡ ହେଉଛି। ଏନେଇ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କୁହନ୍ତି, ମେଡିକାଲ କଲେଜ ପରିସର ଏବେ ଉଠାଦୋକାନୀଙ୍କ କବ୍‌ଜାରେ ରହିଥିବା ପରିଲକ୍ଷିତ ହେଉଛି। ସେଠାରୁ ଜବରଦଖଲ ହଟାଇବା ପାଇଁ ଅନେକ ଥର ବ୍ରହ୍ମପୁର ମହାନଗର କମିଶନର ଓ ଉପଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଏପରିକି ଏହାର ଏକ କପି ମଧ୍ୟ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ପଠାଯାଇଛି। ସେହିପରି ଅଞ୍ଚଳରେ ବଢୁଥିବା ଅସାମାଜିକ କାର୍ଯ୍ୟକଳାପ ବନ୍ଦ କରିବା ସହ ଜବର ଦଖଲକାରୀଙ୍କୁ ରାସ୍ତାରୁ ହଟାଇବା ନିମନ୍ତେ ମେଡିକାଲ ପରିସରରେ ଥିବା ଫାଣ୍ଡି ଅଧିକାରୀଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି।

# ଜମି ହଡ଼ପ ମାମଲାରେ ଜାମିନ ଶୁଣାଣି ୨୪ରେ

**ବ୍ରହ୍ମପୁର ଅଫିସ,୧୮।୯**

**ପୂର୍ବତନ ମେୟର କୋର୍ଟରେ ହାଜର**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ଶନିବାର କଡ଼ା ସୁରକ୍ଷା ବଳୟରେ ଏଡିଜେ-୨ ସଂଘମିତ୍ରା ଶର୍ମାଙ୍କ କୋର୍ଟରେ ହାଜର କରାଯାଇଥିଲା। କନିଷି ଅଞ୍ଚଳର ଭଗବାନ ଦାସ ନାମକ ଜଣେ ବ୍ୟକ୍ତି ଜମି ହଡ଼ପ ନେଇ ପିଣ୍ଟୁଙ୍କ ନାମରେ କୋର୍ଟରେ ୨୦୧୮ ଏପ୍ରିଲ ୧୮ ରେ କମ୍ପ୍ଲେନ୍ କେସ୍ (ୱାନସିସି) ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗୋଳନ୍ଥରା ଥାନା ପୋଲିସ ପିଣ୍ଟୁ ସମେତ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଶନିବାର ପିଣ୍ଟୁ ଓ ଦୁଇ ସହଯୋଗୀ ସି.ଏଚ୍.ତ୍ରିନାଥ ଓ ଗୋବିନ୍ଦ ପ୍ରଧାନଙ୍କୁ ମଧ୍ୟ ହାଜର କରାଯାଇଥିଲା। ପିଣ୍ଟୁଙ୍କ ନାମରେ ଏଭଳି ୫ ମାମଲା ରହିଛି। ଏହି ମାମଲାରେ ସାକ୍ଷୀ ଥିବା କନିଷି ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋକନାଥ ଦଳେଇ କୋର୍ଟକୁ ସାକ୍ଷ୍ୟ ଦେବା ପାଇଁ ଆସୁନାହାନ୍ତି। ବାରମ୍ବାର ସମନ୍ ସତ୍ତ୍ୱେ ସାକ୍ଷୀ ଦେବା ପାଇଁ ଆସୁ ନ ଥିବାରୁ ତାଙ୍କ ବିରୋଧରେ କୋର୍ଟ ବିଡବ୍ଲ୍ୟୁ (ବେଲେବଲ୍ ୱାରେଣ୍ଟ) ଜାରି କରିଛନ୍ତି। ଅକ୍ଟୋବର ୧ରେ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିପରି ଏହି ମାମଲାର ଜାମିନ ପାଇଁ ପିଣ୍ଟୁଙ୍କ ଓକିଲ କୋର୍ଟରେ ଆବେଦନ କରିଛନ୍ତି। ଆସନ୍ତା ୨୪ ତାରିଖରେ ଜାମିନ୍ ଶୁଣାଣି ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ଓ ମୁଦାଲାଙ୍କ ତରଫରୁ କୈଳାସ ଚନ୍ଦ୍ର ପଣ୍ଡା, କୃଷ୍ଣପ୍ରସାଦ ପଟ୍ଟନାୟକ, ରବିନାରାୟଣ ସାହୁ ଓ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ମାଷ୍ଟରମାଇଣ୍ଡ ସମେତ ୫ କୋର୍ଟ ଚାଲାଣ


ଗିରଫ ଅଭିଯୁକ୍ତ ଏବଂ ଜବତ ଖଣ୍ଡା ଓ ବୋମା ।

**ବ୍ରହ୍ମପୁର ଅଫିସ,୧୮।୯**

- **ଡକାୟତି ଯୋଜନା ପଣ୍ଡ**
- **୩ ଖଣ୍ଡା, ୫ ଅଫୁଟା ବୋମା ଜବତ**

ଆଗକୁ ପାର୍ବଣ ଆସୁଛି। ଶନିବାର ବଡି ଭୋର ବ୍ରହ୍ମପୁର ବଡବଜାର ପୋଲିସ ଟିମ୍ ଏକ ୫ ଜଣିଆ ଡକାୟତି ଗ୍ୟାଙ୍ଗକୁ କାବୁ କରିଛି। ଉତ୍ତରାମୁଖୀ ତ୍ରିନାଥ ମନ୍ଦିର ନିକଟରେ କେତେକ ଅସାମାଜିକ ଯୁବକ ଜମା ହୋଇଥିବା ନେଇ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସକୁ ଖବର ମିଳିଥିଲା। ଥାନାଧିକାରୀ ପ୍ରଶାନ୍ତ ଭୂପତିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସେଠାରେ ବିଳମ୍ବିତ ରାତ୍ରି ପ୍ରାୟ ୨ଟାରେ ଚଢ଼ାଉ କରିଥିଲା। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଲକ୍ଷ୍ମୀ ନୃସିଂହ ସାହିର ଲବ ସେଠୀ ଓରଫ ବାଲ ବଚ୍ଚା (୨୫), ଏନ.ତୁଫାନ ରେଡ୍ଡୀ ଓରଫ ଯସୱନ୍ତ (୨୧), ଜଗବନ୍ଧୁ ହୁଡା ସାହିର ରାଜେଶ ନାୟକ ଓରଫ ବଣ୍ଡା (୨୨), ପନ୍ଦରା ସାହିର କାଳିଆ ସାହୁ (୨୪) ଓ ଗ୍ରାମଦେବତୀ ସାହିର ସତ୍ୟବାନ ସାହୁ ଓରଫ ହିରୋ(୧୮)ଙ୍କୁ ଗିରଫ କରିଥିଲା। ଡକାୟତ ମାନଙ୍କଠାରୁ ୩ଟି ଖଣ୍ଡା ଓ ୫ଟି ଅଫୁଟା ବୋମା ଜବତ ହୋଇଥିବା ପୋଲିସ କହିଛି। ସେହିପରି ଚଢ଼ାଉ ବେଳେ ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିବା ଜଣାପଡିଛି। ଉତ୍ତରାମୁଖୀ ଅଞ୍ଚଳରେ ଥିବା ମିଲ ଓ ଅନ୍ୟ ଏକ ଦୋକାନରେ ଡକାୟତି ପାଇଁ ଦୁର୍ବୃତ୍ତମାନେ ଯୋଜନା କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ବାଲ ବଚ୍ଚା ନା'ରେ ବଡବଜାର ଥାନାରେ ୬ଗୋଟି ସଙ୍ଗୀନ ମାମଲା ରହିଥିବା ନେଇ ପୋଲିସ କହିଛି। ମାମଲା ନମ୍ବର ୧୯୧/୨୧ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଶନିବାର ସନ୍ଧ୍ୟାରେ ଏକ ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି।

## ଟିଉଶନ ଶିକ୍ଷକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୮।୯**

ଟିଉଶନ ଶିକ୍ଷକ ବଳରାମ ଦାସଙ୍କୁ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅଶୋକନଗରର କାହ୍ନୁଆ ଦଳେଇ (୧୯)। ମାମଲା ନମ୍ବର ୨୪୩/୨୧ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ନେଇ ପୋଲିସ କହିଛି। ଟିଉଶନ କରୁଥିବା ଜଣେ ଛାତ୍ରୀଙ୍କୁ ନ ପଢାଇବା ପାଇଁ କିଛି ଯୁବକ ବଳରାମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପୋଲିସ ତଦନ୍ତ ବେଳେ ସ୍ପଷ୍ଟ ହୋଇଛି। ଘଟଣାରୁ ପ୍ରକାଶ, ଧରାକୋଟର ବଳରାମ ଓ ତାଙ୍କ ମା' ବିଷ୍ଣୁପ୍ରିୟା ଦାସ ବ୍ରହ୍ମପୁର ଗେଟବଜାର ଗୋଲାପଲ୍ଲୀ ସାହିରେ ଏକ ଘର ଭଡା ନେଇ ରହୁଛନ୍ତି। ବଳରାମ ସହରର ବିଭିନ୍ନ ସ୍ଥାନରେ ଟିଉଶନ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ସେ ଟିଉଶନ ସାରି ଗତ ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ ଟାରେ ସାଇକେଲରେ ଘରକୁ ଫେରୁଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ନର୍ସିଂ ହୋମ ସମ୍ମୁଖରେ ୨/୩ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ଏକ ଝିଅର ଫଟୋ ଦେଖାଇ ତାଙ୍କୁ ଜାଣିଛ କି ବୋଲି ପଚାରିଥିଲେ। ଉକ୍ତ ଝିଅଟି ଆମ ଟିଉଶନରେ ପଢୁଛି ବୋଲି ସେ କହିଥିଲେ। ଝିଅଟିକୁ ଟିଉଶନରୁ ବାହାର କରିଦେବା ପାଇଁ ଯୁବକମାନେ କହିଥିଲେ। ସେ ମନା କରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ଜଣେ ଯୁବକ ବଳରାମଙ୍କ ଛାତି, ବେକ ଓ ହାତରେ ଏକ ବ୍ଲେଡ୍‌ରେ ଆକ୍ରମଣ କରି ଚମ୍ପଟ ମାରିଥିଲେ।

# ଆଇଟିଆଇକୁ ଦକ୍ଷତା ବିକାଶ ମନ୍ତ୍ରୀଙ୍କ ଗସ୍ତ



ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶିକ୍ଷାନୁଷ୍ଠାନ ପରିଦର୍ଶନ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୧୮।୯**

ବ୍ରହ୍ମପୁର ଆଇଟିଆଇକୁ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶନିବାର ଗସ୍ତ କରିଛନ୍ତି। ମନ୍ତ୍ରୀ ଆଇଟିଆଇ ପରିସରରେ ଥିବା ଗ୍ରାସ୍ ଆର୍ଟ ପାର୍କକୁ ବୁଲି ଦେଖିବା ସହ କୃତ୍ରିମ ଘାସରେ ନିର୍ମିତ ଦୁଇଟି ଘୋଡା ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ଏଭଳି ଦକ୍ଷତା ନିମନ୍ତେ ସେ ଆଇଟିଆଇକୁ ପ୍ରଶଂସା କରିଥିଲେ। ଏଥିସହ ନିକଟରେ ଓଡ଼ିଶା ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଆଇଟିଆଇ ଛାତ୍ରୀଛାତ୍ରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ଆଗାମୀ ଦିନରେ ଆଇଟିଆଇକୁ ସର୍ବୋତ୍ତମ ଅନୁଷ୍ଠାନ ରୂପେ ଗଢି ତୋଳିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ପ୍ରତିବାଦ ସଭା



ଦଳ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୧୮।୯**

**ବିଏମ୍‌ସି କମିଶନରଙ୍କୁ ଦାବିପତ୍ର**

ବ୍ରହ୍ମପୁର ସହରରେ ବିଭିନ୍ନ ସମସ୍ୟାକୁ ନେଇ ଶନିବାର ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପରିସରରେ ପ୍ରତିବାଦ ସଭା ସହ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସହରରେ ବହୁ ସ୍ଥାନରେ ଶୌଚାଳୟ, ରାସ୍ତାଘାଟ ଓ ଡ୍ରେନ୍ ଭାଙ୍ଗି ପଡିଛି। ନିଗମ ଅଧିକାରଙ୍କ ଦାୟିତ୍ୱହୀନତାରୁ ଏହାର ସମାଧାନ ହୋଇପାରୁ ନ ଥିବା ଦଳ ଅଭିଯୋଗ କରିଛି। ଏଥିସହ ଜାନିବିଲି ପାଣି ନିମନ୍ତେ ପାଇପ୍ ଲାଇନ୍ ବିଛାଇବା ନେଇ ରାସ୍ତା ଖୋଳି ଦେବା ପରେ ମରାମତି କରାଯାଉ ନାହିଁ। ଫଳରେ ବର୍ଷା ହେଲେ ପାଣି କାଦୁଅ ଭରା ବିପଜ୍ଜନକ ରାସ୍ତା ପାଲଟୁଛି। ଅନେକ ୱାର୍ଡରେ ନିମ୍ନମାନର ଡ୍ରେନେଜ କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷାରେ ସାହି ମଝିରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ମୁଖ୍ୟ ରାସ୍ତା ଶୌଚାଳୟଗୁଡିକ ଦୀର୍ଘ ଦିନ ଧରି ଭଗ୍ନ ଅବସ୍ଥାରେ ପଡି ରହିଛି। ଯାହାକି କାର୍ଯ୍ୟରେ ଲାଗି ପାରୁ ନାହିଁ। ବସ୍ ଷ୍ଟପ୍ ଓ ଯାତ୍ରୀ ବିଶ୍ରାମାଗାର ଅପରିଷ୍କାର ହୋଇ ରହିଛି। ସଫେଇ କରାଯାଉ ନାହିଁ। ଏହା ସହିତ ୱାର୍ଡ ଅଫିସର କାର୍ଯ୍ୟାଳୟଗୁଡିକରେ କର୍ମଚାରୀ ଅନୁପସ୍ଥିତ ଯୋଗୁ ବହୁ ୱାର୍ଡ ବାସିନ୍ଦା ସମସ୍ୟା ସମ୍ପର୍କରେ ଜଣାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏଣୁ ଉପରୋକ୍ତ ସମସ୍ୟା କ୍ଷେତ୍ରରେ ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଦଳ ଜିଲା ସମ୍ପାଦକ ଆଦିତ୍ୟ ରଥ, ଆବାହକ ସୁବାସ ରାଉତ, ଉପସଭାପତି ସୁଧୀର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମହାଦେବୀପୁରରେ ପାନୀୟ ଜଳାଭାବ

**ଗୋଷାଣୀ,୧୮।୯**

ଗୋଷାଣୀ ବ୍ଲକ ବଡ଼ଗୋଷାଣୀ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ମହାଦେବୀପୁର ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ୧୦ ଦିନ ହେଲା ହନ୍ତସନ୍ତ ହେଉଛନ୍ତି। ଏଠାରେ ବସୁଧା ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି। ପାନୀୟ ଜଳ ଉଠାଉଥିବା ଟ୍ରାନ୍ସଫର୍ମରଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସାହି ମଧ୍ୟରେ ପ୍ରତି ଘର ସାମ୍ନାରେ ଥିବା ଷ୍ଟାଣ୍ଡପୋଷ୍ଟକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ମଇଳା ତଥା ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଶୋକାକୁଳ ପରିବାରକୁ ଭେଟିଲେ ବିଧାୟକ

**ଆସିକା,୧୮।୯(ଡି.ଏନ୍.ଏ.)**

**କାନ୍ଥ ଭୁଶୁଡି ଶିଶୁ କନ୍ୟା ମୃତ୍ୟୁ ଘଟଣା**

ଧରାକୋଟ ବ୍ଲକ ରୁଗୁମୁ ପଞ୍ଚାୟତ ରାମଚନ୍ଦ୍ରପୁର ରାଶିବାଡି ଗ୍ରାମରେ ଗତ ମଙ୍ଗଳବାର ଘରକାନ୍ଥ ଭୁଶୁଡ଼ି ପଡ଼ିବାରୁ ୪ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୨ଜଣ ଶିଶୁ ଆହତ ହୋଇଥିଲେ। ଶନିବାର ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଉକ୍ତ ଗ୍ରାମକୁ ଯାଇ ଶୋକାକୁଳ ପରିବାରକୁ ଭେଟିଛନ୍ତି। ବିଧାୟକ ଜେନା ମୃତ ଶିଶୁ କନ୍ୟାର ପରିବାରକୁ ଆଶ୍ୱସନା ଦେବା ସହ କିଛି ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। ଏହାଛଡା ଆହତଙ୍କ ଘରକୁ ଯାଇ ଆହତ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଗ୍ରାମରେ ଝାଟିମାଟି ନଡା ଛପର ଘରେ ରହୁଥିବା ପରିବାରକୁ ଭେଟି ତୁରନ୍ତ ଆବାସ ଯୋଜନାରେ ସମ୍ପୃକ୍ତ ପରିବାରଙ୍କୁ ବାସଗୃହ ପ୍ରଦାନ ପାଇଁ ପ୍ରଶାସନ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।


ଶୋକାକୁଳ ପରିବାର ଲୋକଙ୍କ ସହ ବିଧାୟକ ରମେଶ ଚନ୍ଦ୍ର ଜେନା ଆଲୋଚନା କରୁଛନ୍ତି।

# ବାସ୍କେଟବଲ କୋର୍ଟ ଅବସ୍ଥା ଶୋଚନୀୟ

**ବ୍ରହ୍ମପୁର ଅଫିସ,୧୮।୯**


ବାସ୍କେଟବଲ କୋର୍ଟରେ ଅଭ୍ୟାସରତ କ୍ରୀଡ଼ାବିତ୍ ।

**ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ**

- **ରକ୍ଷଣା ବେକ୍ଷଣ ଅଭାବ**

ବ୍ରହ୍ମପୁର ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଥିବା ବାସ୍କେଟ ବଲ କୋର୍ଟ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଛି। ଚଟାଣ ସହ ନେଟ ପାଚେରି ଅବସ୍ଥା ଶୋଚନୀୟ ହୋଇ ରହିଛି। ଉପଯୁକ୍ତ ରକ୍ଷଣା ବେକ୍ଷଣା ଅଭାବ, ଠିକ ସମୟରେ କୋର୍ଟର ପୁନଃ ମରାମତି ହୋଇ ନ ଥିବାରୁ ବର୍ତ୍ତମାନ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନିୟମିତ ଅଭ୍ୟାସ କରୁଥିବା କ୍ରୀଡ଼ାବିତ୍‌ମାନେ ବହୁ ବାର ଅଭିଯୋଗ କରିବା ପରେ ମଧ୍ୟ ଏଯାବତ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ସମାଧାନ ହୋଇପାରି ନ ଥିବା କ୍ରୀଡ଼ାବିତ ମାନେ କହିଛନ୍ତି। ଅଧିକାଂଶ କ୍ରୀଡ଼ାବିତ ଏହି ସିଟି ଗ୍ରାଉଣ୍ଡ ଉପରେ ନିର୍ଭର କରନ୍ତି। ଏଠାକୁ ନିୟମିତ ଅଭ୍ୟାସ ପାଇଁ ସକାଳ ୫.୩୦ରୁ ୮.୩୦ ଏବଂ ଅପରାହ୍ନ ୪ ଟାରୁ ୬.୩୦ ପର୍ଯ୍ୟନ୍ତ ପ୍ରାୟ ୮୦ରୁ ୧୦୦ କ୍ରୀଡ଼ାବିତ ଏଠାକୁ ଆସିଥାନ୍ତି। କିନ୍ତୁ ବାସ୍କେଟ ବଲ କୋର୍ଟର ଅବସ୍ଥା ଖରାପ ଥିବାରୁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କ୍ରୀଡ଼ାବିତ ଲକ୍ଷ୍ମୀନୃସିଂହ ପଟ୍ଟନାୟକ କହିଛନ୍ତି। ଏ ନେଇ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ପଚାରିବାରୁ, ଅତିଶୀଘ୍ର ଏହି ସମସ୍ୟାର ସମାଧାନ ନିମନ୍ତେ ପଦେକ୍ଷେପ ଗ୍ରହଣ କରାଯିବ। ଏହା ସହ ଆସନ୍ତା ସୋମବାର ଖେଳପଡ଼ିଆ ଏବଂ ଅନ୍ୟ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି ।

# ବ୍ରହ୍ମପୁରରେ ନାହାନ୍ତି ସ୍ୱତନ୍ତ୍ର ଏଡିଏମ୍

**ବ୍ରହ୍ମପୁର ଅଫିସ,୧୮।୯**

**ପୋଲିସ ଜିଲା ପ୍ରତିଷ୍ଠାର ପୂରିଛି ୩୮ ବର୍ଷ**

ବ୍ରହ୍ମପୁର ପୋଲିସ ଜିଲା ଗଠନର ୩୮ ବର୍ଷ ପୂରିଛି। ତେବେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱତନ୍ତ୍ର ଭାବେ ଅତିରିକ୍ତ ଜିଲାପାଳ (ଏଡିଏମ) ଏଯାବତ ନିଯୁକ୍ତି ହୋଇନାହାନ୍ତି। ରାଉରକେଲା ପୋଲିସ ଜିଲାରେ ଆରମ୍ଭରୁ ଏଡିଏମ ଥିବା ବେଳେ ବ୍ରହ୍ମପୁର ପ୍ରତି ସରକାର ଅଣଦେଖା କରିଥିବା ଅଭିଯୋଗ ହୋଇଛି। ବ୍ରିଟିଶ ସରକାର ଅମଳରୁ ବ୍ରହ୍ମପୁର, ଭଞ୍ଜନଗର, ଛତ୍ରପୁର ଓ ପାରଳା ସବ୍‌ଡିଭିଜନକୁ ନେଇ ଗଞ୍ଜାମ ଜିଲା ଗଠନ ହୋଇଥିଲା। ସଦର ମହକୁମା ଛତ୍ରପୁରରେ ଉଭୟ ଜିଲାପାଳ ଓ ଏସ୍‌ପିଙ୍କ ଦପ୍ତର ଥିଲା। ପାରଳାଖେମୁଣ୍ଡି ସବଡିଭିଜନକୁ ନେଇ ଗଜପତି ଜିଲା ଗଠନ ପୂର୍ବରୁ ବ୍ରହ୍ମପୁର ପୋଲିସ ଜିଲା ପ୍ରତିଷ୍ଠା ହୋଇଥିଲା।

ସୂଚନାଯୋଗ୍ୟ, ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ଛତ୍ରପୁରର ପୂର୍ବତନ ବିଧାୟକ ଓ ପ୍ରାକ୍ତନ ରାଜ୍ୟସଭା ଏମପି ଲକ୍ଷ୍ମଣ ମହାପାତ୍ରଙ୍କୁ ୧୯୮୩ ଅଗଷ୍ଟ ୨୦ରେ ବ୍ରହ୍ମପୁର କଲେଜ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯାଇଥିଲା। ସେତେବେଳେ ରେଶମ ସହରରେ ଆଇନ ଶୃଙ୍ଖଳା ଭୁଶୁଡ଼ି ଯାଇଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଶାସନ ଚାଲିଥିଲା। ଜଣେ ବରିଷ୍ଠ ବାମପନ୍ଥୀ ରାଜନେତାଙ୍କୁ ହତ୍ୟା ରାଜ୍ୟ ଓ ଦେଶରେ ଚହଳ ସୃଷ୍ଟି କରିଥିଲା। ସରକାରଙ୍କୁ ସମାଲୋଚନାର ଶୀକାର ହେବାକୁ ପଡ଼ିଥିଲା। ଏହି ହତ୍ୟା ଘଟଣାର ୩ ଦିନ ପରେ ଅଗଷ୍ଟ ୨୩ରେ ଗଞ୍ଜାମ ପୋଲିସ ଜିଲାକୁ ବିଭାଜିତ କରି ନୂଆ ବ୍ରହ୍ମପୁର ପୋଲିସ ଜିଲା ପ୍ରତିଷ୍ଠା ହୋଇଥିଲା।

ରାଜ୍ୟର ପୂର୍ବତନ ଡିଜିପି ଗୋପାଳ ଚନ୍ଦ୍ର ନନ୍ଦ ପ୍ରଥମ ଏସ୍‌ପି ଭାବେ ଅବସ୍ଥାପିତ ହୋଇଥିଲେ। ଭଡ଼ାଘରେ ଜିଲା ପୋଲିସ ଦପ୍ତର ଖୋଲାଯାଇଥିଲା। ଏହାର ୩୮ ବର୍ଷରେ ଅନେକ ଥାନା ଓ ଫାଣ୍ଡି ପ୍ରତିଷ୍ଠା ହୋଇଛି। ସ୍ଥାୟୀ ନିଜସ୍ୱ କାର୍ଯ୍ୟାଳୟ ଓ ରିଜର୍ଭ ବ୍ୟାରେକ୍ ଆଦି ନିର୍ମିତ ହୋଇଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇଛି। କେବଳ ରାଉରକେଲା ଭଳି ସ୍ୱତନ୍ତ୍ର ଏଡିଏମ୍ ନିଯୁକ୍ତି ପ୍ରତି ଅଣଦେଖା କରାଯାଇଛି। ଛତ୍ରପୁରରେ ୩ ଜଣ ଏଡିଏମ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମପୁର ପୋଲିସ ଜିଲାରେ ଅବସ୍ଥାପିତ କରାଗଲେ ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ହେବାର ବିଭିନ୍ନ ମହଲରୁ ଗୁରୁତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ଧର୍ମପରାୟଣ ମହିଳାଙ୍କ ପରଲୋକ



ପାରଳାଖେମୁଣ୍ଡି,୧୮।୯(ଡି.ଏନ୍.ଏ.) : ପାରଳାଖେମୁଣ୍ଡିର ଭଣ୍ଡାରୀସାହି ନିବାସୀ ଧର୍ମପରାୟଣା ମହିଳା କୁନ୍ତଳା ପଣ୍ଡା (୭୨)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ସେ କିଛି ଦିନ ପୂର୍ବରୁ ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ। ତାଙ୍କ ଜୀବନ କାଳରେ ବିଭିନ୍ନ ମଠ ମନ୍ଦିର ଆଦିଠାରେ ଭାଗବତ ପାରାୟଣଠାରୁ ଆରମ୍ଭ କରି ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିୟୋଜିତ ରହୁଥିଲେ। ମୃତ୍ୟୁ ବେଳକୁ ୪ ଝିଅ, ୩ ଜାମାତା ଓ ପୁଅ ବୋହୂଙ୍କ ସମେତ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। କୁନ୍ତଳାଙ୍କ ବିୟୋଗରେ ତ୍ରିପତି ପରିଚ୍ଛା, ମୁନା ପରିଚ୍ଛା,ବିଷ୍ଣୁପ୍ରସାଦ ପାଢୀ, ବିଭୂତି ଭୂଷଣ ବେହେରା, କୁନା ପରିଚ୍ଛା, କିଶୋର ପଣ୍ଡା, ତପନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଶତାୟୁ ପଣ୍ଡିତ ଚିନ୍ତାମଣିଙ୍କ ପରଲୋକ

ଦିଗପହଣ୍ଡି,୧୮।୯(ଡି.ଏନ.ଏ.):ଦିଗପହଣ୍ଡି ସହର ନୂଆସାହି ନିବାସୀ ତଥା ବଡଖେମୁଣ୍ଡି ରାଜ ପୁରୋହିତ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଚିନ୍ତାମଣି ରଥଙ୍କ ୧୦୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ ଟାରେ ସେ ଇହଧାମ ତ୍ୟାଗ କରିଥିଲେ। ତାଙ୍କ ପରଲୋକ ଖବରପାଇ ସହରର ବହୁ ଆଇନଜୀବୀ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ପଣ୍ଡିତ ଚିନ୍ତାମଣି ବଡଖେମୁଣ୍ଡି ରାଜ ପରିବାରର ପୁରୋହିତ ଏବଂ ଜ୍ୟୋତିଷ ବିଶାରଦ ଭାବେ ଜଣାଶୁଣା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ଆଇନଜୀବୀ ତଥା ସାମ୍ବାଦିକ ହରପ୍ରସାଦ ରଥ ସମେତ ଅନ୍ୟ ୨ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ବିଳମ୍ବିତ ରାତିରେ ଗୁପ୍ତେଶ୍ୱର ଶୈବପୀଠ ସମ୍ମୁଖ ହାଟତୋଟା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ପଞ୍ଚାୟତସ୍ତରୀୟ ଚୟନ ଶିବିର

ବୁଗୁଡ଼ା,୧୮।୯(ଡି.ଏନ.ଏ.):ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଆନୁକୂଲ୍ୟରେ ଶୁକ୍ରବାର ପଞ୍ଚାୟତସ୍ତରୀୟ ଏହି ଯୋଜନା ଅନ୍ତର୍ଗତ ଚୟନ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାଣିତରା ସରପଞ୍ଚ ପ୍ରତିନିଧି ବାବୁଲା ନାୟକ, ଗୋଳାବନ୍ଧ ସରପଞ୍ଚ ବସନ୍ତ କୁମାର ସାମଲ, ବ୍ଲକ ନୋଡାଲ ଅଧିକାରୀ ମନୋଜ କୁମାର ସାହୁ, ବିପିଏମ ଗଙ୍ଗାଧର ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଚୟନ ଶିବିରରେ ଗୋଳାବନ୍ଧ, ଶଙ୍କୁରୁ, ମାଣିତରା ପଞ୍ଚାୟତର ୪୦ ଜଣ ଆବେଦନକାରୀ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ଭୁବନେଶ୍ୱରରୁ ଆସିଥିବା ନିମ୍ ଓସେଫ ଏଡୁକେଟ ଏବଂ ବ୍ରହ୍ମପୁରରୁ ଯୋଗ ଦେଇଥିବା ସାହି ଏକ୍ସପର୍ଟ କମ୍ପାନୀ ମାତ୍ର ୨୯ ଜଣଙ୍କୁ ଚୟନ କରିଛି।

### ଆଇନ ସେବା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ

ଖଲ୍ଲିକୋଟ/ପୁରୁଷୋତ୍ତମପୁର,୧୮।୯(ଡି.ଏନ.ଏ.): ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଆଇନ ସେବା ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପାରାଲିଗାଲ ଭଲ୍ୟୁଣ୍ଟର ପଦ୍ମଚରଣ ସାହୁ ଏହି ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ବାଦପଲୀ ପଞ୍ଚାୟତର ଛକାସିଂ ଗ୍ରାମ, ଖଜୁରସାହି ଆଦି ସ୍ଥାନରେ ଆଇନ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ମହିଳା ପୁରୁଷ ଓ କିନ୍ନର ଉପସ୍ଥିତ ଥିଲେ। ସେହିପରି ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ଆୟୋଜିତ ଆଇନ ସଚେତନତା ଶିବିରରେ ତାଲୁକା ଆଇନ ସେବା କମିଟିର ଅଧକ୍ଷ ତଥା ବିଚାରପତି ଦିଲ୍ଲୀପ କୁମାର ବାରିକ ଯୋଗଦେଇ ଶିଶୁ ଓ ମହିଳା ସୁରକ୍ଷା, ବରିଷ୍ଠ ନାଗରିକ ସୁରକ୍ଷା ଆଦି ବିଭିନ୍ନ ଆଇନ ମାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରିଥିଲେ। ଏଥିରେ ଓକିଲ ସଂଘ ସଭାପତି କେଦାରନାଥ ପଟ୍ଟନାୟକ, ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଓକିଲ ସ୍ୱରାଜ୍ୟ ପାଣିଗ୍ରାହୀ, ଉପେନ୍ଦ୍ର ପଣ୍ଡା, ପ୍ରଭାତ କୁମାର ପଟ୍ଟନାୟକ, ସରକାରୀ ଓକିଲ କୃଷ୍ଣ ଚନ୍ଦ୍ର ଗୌଡ଼, ନିରଞ୍ଜନ ବେହେରା, ରବୀନ୍ଦ୍ର କୁମାର ସାହୁ, ଗୌରିଶଙ୍କର ରାଉଳଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ଗଗନ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ।

# ଗଞ୍ଜେଇ ପରିବର୍ତ୍ତେ ଚାଷୀଙ୍କୁ ଅନ୍ୟ ଚାଷରେ ସମ୍ପୃକ୍ତ କର

- ଗଜପତି, କନ୍ଧମାଳ - ଗଞ୍ଜାମ ସୀମାନ୍ତ ପେଣ୍ଠସ୍ଥଳ
- ୪ ବର୍ଷରେ ୧୫୭ ଏକର ଗଞ୍ଜେଇ ନଷ୍ଟ

ଛତ୍ରପୁର,୧୮।୯(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭର୍ଚ୍ଚୁଆଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଜଣାଇଥିଲେ, ଗଞ୍ଜେଇ ଚାଷରୁ ଏଣିକି ଲୋକଙ୍କୁ ନିବୃତ୍ତ କରାଯିବ। ସେହି ଚାଷୀଙ୍କୁ ଅନ୍ୟ ଲାଭ ଦାୟକ ଚାଷ ସହିତ ସମ୍ପୃକ୍ତ କରି ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯିବ। ଗଞ୍ଜେଇ ଚାଷ କରୁଥିବା ଚାଷୀ ଅନ୍ୟ ଚାଷ ପ୍ରତି ଆଗ୍ରହୀ ହୋଇ ଅଧିକ ଲାଭବାନ ହେଲେ ସେମାନେ ଗଞ୍ଜେଇ ଚାଷଠାରୁ ନିଜକୁ ଦୂରେଇ ରଖିବେ। ଜଙ୍ଗଲ ଅଞ୍ଚଳରେ କୌଣସିଠାରେ ଯେପରି ବେଆଇନ ଭାବେ ଏହି ଚାଷ ହେବ ନାହିଁ ସେହି ଦିଗ ପ୍ରତି ଜଙ୍ଗଲ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉ। ପୋଲିସ, ଅବକାରୀ, ଜଙ୍ଗଲ ବିଭାଗ, ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏକ ଦଳ ଗଠନ କରି ମିଳିତ ଚଢାଉ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଗତ ୪ ବର୍ଷରେ ଜିଲା ଅବକାରୀ ବିଭାଗ ତରଫରୁ ୧୧୨ ଏକର ଏବଂ ବ୍ରହ୍ମପୁର ଅବକାରୀ ବିଭାଗ ପକ୍ଷରୁ ୪୫ ଏକର ଏଭଳି ସମୁଦାୟ ୧୫୭ ଏକର ଚାଷ ଜମିରେ ଗଞ୍ଜେଇ ଚାଷ ହୋଇଥିଲା। ତାହାକୁ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ନଷ୍ଟ କରି ଦିଆଯାଇଥିବା ତଥ୍ୟରୁ ଜଣାପଡିଛି। ଗଜପତି, ଗଞ୍ଜାମ ଏବଂ କନ୍ଧମାଳ ଜିଲା ସୀମାନ୍ତରେ ରହୁଥିବା ବଡଗଡ ଥାନା ଅଞ୍ଚଳରେ ବିଶେଷ ଭାବେ ଏହି ଚାଷ ହେଉଛି। ଏହି ସମସ୍ତ ଅଞ୍ଚଳରେ ସଚେତନତା କାର୍ଯ୍ୟକୁ ବ୍ୟାପକ କରିବାକୁ ଜିଲାପାଳ କୁଲାଙ୍ଗେ ପରାମର୍ଶ ଦେଇଥିଲେ। ସେଠାକାର ସ୍ଥାନୀୟ ଲୋକ ପ୍ରତିନିଧି, ବିଡିଓ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କୁ ସମ୍ପୃକ୍ତ କରି ଏହି ସଚେତନତା କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି । ସେମାନେ ଗଞ୍ଜେଇ ଚାଷରୁ ନିବୃତ୍ତ କରାଇ ଚାଷୀମାନଙ୍କୁ ଅନ୍ୟ ଚାଷ କରିବା ଦିଗରେ ପ୍ରୋତ୍ସାହନ ଦେବା ସହିତ ଅନ୍ୟ ଲାଭ ଜନକ ଚାଷ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିବାକୁ କୃଷି ବିଭାଗକୁ କହିଥିଲେ ଏବଂ ସମସ୍ତ ପ୍ରକାର ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଗଞ୍ଜାମ ଅବକାରୀ ଅଧୀକ୍ଷକ ରାଜେଶ ବୋତ୍ରା, ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରମେଶ ନାୟକ, ପୋଲିସ ବିଭାଗ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ.ଦଳେଇ, ଉଦ୍ୟାନ କୃଷି ଡିନ୍ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଶିଳ୍ପ ତାଲିମ କେନ୍ଦ୍ର ଠାରେ ଥିବା ଡମ୍ପିଂୟାଡ଼।

## ଶିଳ୍ପ ତାଲିମ କେନ୍ଦ୍ରଠାରେ ଡମ୍ପିଂୟାଡ଼

**ପ୍ରଶାସନର ବିଚିତ୍ର ନୀତି**

ଗଞ୍ଜାମ,୧୮।୯(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ପ୍ରଶାସନର ବିଚିତ୍ର ନୀତି। ଜନ ବସତି ଅଞ୍ଚଳ ତଥା ମେଡିକାଲ ଗଳି ରାସ୍ତାରେ ଥିବା ଦୁର୍ଗାଦେବୀ ଶିଳ୍ପ ତାଲିମ କେନ୍ଦ୍ର ମୁଖ୍ୟ ଫାଟକ ପାର୍ଶ୍ୱରେ ଅଳିଆ ଆବର୍ଜନା ଗଦା କରି ଡମ୍ପିଂୟାର୍ଡ କରାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ତଥା ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସ୍ୱଚ୍ଛ ଭାରତ ମିଶନ ଜରିଆରେ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏହାର ବ୍ୟତିକ୍ରମ ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ହେଉଛି। ଏନଏସି ପ୍ରଶାସନ ଲୋକଙ୍କଠାରୁ ଟିକସ ନେବାରେ ଡେରି କରୁ ନ ଥିବା ବେଳେ ଲୋକଙ୍କ ମୌଳିକ ସମସ୍ୟା ପ୍ରତି କାହିଁକି ଦୃଷ୍ଟି ଦେଉନି ବୋଲି ଗଞ୍ଜାମ ଏନ୍‌ଏସି ଭାଜପା ନଗର ସଭାପତି ସୁଦାମ ଚରଣ ଜେନା ପ୍ରଶ୍ନ କରିଛନ୍ତି। ଏଥିସହିତ ସହରର ବିଭିନ୍ନ ୱାର୍ଡରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳିଛି।

# ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଭଞ୍ଜନଗର,୧୮।୯(ଡି.ଏନ.ଏ)

ଘୁମୁସର ଜିଲା ଦାବି ନେଇ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟିର ବୈଠକ ଶନିବାର ସ୍ଥାନୀୟ ନାୟକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ୧୯୯୩ରୁ ଘୁମୁସର ଜିଲା ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ପ୍ରଥମେ ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ଉକ୍ତ ଆନ୍ଦୋଳନକୁ ଉଜ୍ଜୀବିତ ରଖିବା ପାଇଁ ବିଭିନ୍ନ ସଙ୍ଗଠନ ମଝିରେ ମଝିରେ ଆନ୍ଦୋଳନ କରୁଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ଆଗାମୀ ଦିନରେ ବିଭିନ୍ନ ସଙ୍ଗଠନକୁ ନେଇ ଉକ୍ତ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ନେଇଛି।



ବୈଠକରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

ତେଣୁ ଆସନ୍ତା ୩ରେ ଭଞ୍ଜନଗର ମୁଖ୍ୟ ସଡ଼କଠାରେ ଏକ ସାଧାରଣସଭା କରି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମତାମତ ନେବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଡ. କମ୍ବୁପାଣି ସାମନ୍ତ, ପ୍ରଫେସର ଶିବରାମ ପଣ୍ଡା, ରବୀନ୍ଦ୍ର ଆଚାର୍ଯ୍ୟ, ବାଳକୃଷ୍ଣ ବେହେରା, ମାଗତା ଗୌଡ଼, ସନ୍ତୋଷ ପଣ୍ଡା, ବ୍ରଜ ଗୋପାଳ ମହାରଣା, ଲଡୁକେଶ୍ୱର ପ୍ରଧାନ, ଏସ୍.କେ.ହୁସେନ, ହରେକୃଷ୍ଣ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଷ୍ଟେଶନ ରୋଡ୍ ବ୍ୟବସାୟୀ ସଂଘ ବୈଠକ

ଛତ୍ରପୁର,୧୮।୯(ଡି.ଏନ.ଏ.)

ଛତ୍ରପୁର ରାମ ମନ୍ଦିର ପ୍ରାଙ୍ଗଣରେ ଷ୍ଟେଶନ ରୋଡ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ଇଜୁ ଅମିନ ଖାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୌଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୌଠକରେ ଷ୍ଟେଶନରୋଡ ଦୋକାନୀଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ସମସ୍ତ ଦୋକାନୀଙ୍କ ଟ୍ରେଡ୍ ଲାଇସେନ୍ସ ହେବା, କୋଭିଡ୍ କଟକଣା ମାନିବା ସହ ସଂଘର ସର୍ବ ସମ୍ମତି ନିଷ୍ପତ୍ତି କ୍ରମେ ପ୍ରତି ସଂକ୍ରାନ୍ତିରେ ସଂଧ୍ୟା ୬ ଟାପରେ ସମସ୍ତ ଦୋକାନ ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିବା କୁହାଯାଇଛି। ବୌଠକରେ ଉପ-ସଭାପତି ଗୋପାଳକ୍ରିଷ୍ଣ ସାମନ୍ତରାୟ, ପି . ଜଗନ୍ନାଥ ରେଡ୍ଡୀ, ସମ୍ପାଦକ ରଘୁନାଥ ପ୍ରସାଦ ବେହେରା, କୋଷାଧ୍ୟକ୍ଷ ରାଘବ ବେହେରା, ଭଗବାନ ପ୍ରଧାନ, ଜନାର୍ଦ୍ଦନ ରେଡ୍ଡୀ, ଜଗନ୍ନାଥ ବାଡତିଆ, ଏନ୍. ଶଙ୍କର ରାଓ ଓ ନାଗେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ରହି ମତାମତ ଉପସ୍ଥାପନ କରିଥିଲେ।

## ପ୍ରେମ, ଅପହରଣ ପରେ ହତ୍ୟା ଉଦ୍ୟମ

**ଅଭିଯୁକ୍ତ ଗିରଫ**

ବୁଗୁଡ଼ା,୧୮।୯(ଡି.ଏନ.ଏ.)

ଜଣେ ବିବାହିତା ମହିଳାଙ୍କୁ ପ୍ରେମ, ଅପହରଣ କରି ବାହାହେବା ପରେ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ସୁନୀଲ ଗୌଡ଼। ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଏକ ଗ୍ରାମରେ ଜଣେ ସମ୍ପର୍କୀୟ ଖୁଡ଼ିଙ୍କ ସହ ଅଭିଯୁକ୍ତଙ୍କ ସମ୍ପର୍କ ଗଢି ଉଠିଥିଲା। ଉଭୟ ପ୍ରେମୀ ଯୁଗଳ ଗତ ମାସ ଦ୍ୱିତୀୟ ସପ୍ତାହରେ ଫେରାର ହୋଇଯାଇଥିଲେ। ମହିଳାଙ୍କ ସ୍ୱାମୀଙ୍କ ଏତଲା କ୍ରମେ ବୁଗୁଡ଼ା ଥାନାରେ ନଂ. ୨୭/୨୧ରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଗତ ଅଗଷ୍ଟ ୨୩ରେ ପୋଲିସ ଉଭୟ ଫେରାର୍ ପ୍ରେମୀ ଯୁଗଳଙ୍କୁ ଜଗନ୍ନାଥପ୍ରସାଦ ଥାନା ଜିରାବାଡିରୁ ଉଦ୍ଧାର କରି ଥାନାରେ ଅଟକ ରଖିଥିଲା। ତେବେ କୁଳ ସମାଜର ହସ୍ତକ୍ଷେପ କ୍ରମେ ଉଭୟେ ବାହା ହୋଇ ଗାଁ ଛାଡି ଜଗନ୍ନାଥପ୍ରସାଦ ଚାଲି ଯାଇଥିଲେ। ମହିଳାଙ୍କ ୮ ବର୍ଷର ପୁଅ ତା'ଙ୍କ ବାପା ପାଖରେ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଉଭୟେ ଜଗନ୍ନାଥପ୍ରସାଦ ଅଞ୍ଚଳରେ କିଛିଦିନ ରହିବା ପରେ ଗତ ୧୦ରୁ ବୁଗୁଡ଼ା ବ୍ଲକକୁ ଆସି ରହୁଥିଲେ। ସେଠାରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ସହ ସୁନୀଲ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ନେଇ ମହିଳା ଜଣକ ବୁଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୪୬୭ /୨୧ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୁନୀଲକୁ ଗିରଫ କରିଛି।

# ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

ଦିଗପହଣ୍ଡି,୧୮।୯(ଡି.ଏନ.ଏ.)

ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଗିରିଜା ନନ୍ଦନ ମେକାପଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଭାପତି ପରେଶ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ଶୁକ୍ରବାର ରାତିରେ ଓକିଲ ସଂଘର ପୂର୍ବତନ ସମ୍ପାଦକ ହରପ୍ରସାଦ ରଥଙ୍କ ପିତା ପଣ୍ଡିତ ଚିନ୍ତାମଣି ରଥଙ୍କ ପରଲୋକ ଘଟିଥିବାରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅଧାପନ୍ତରିଆ ଅବସ୍ଥାରେ ଦୀର୍ଘଦିନ ଧରି ପଡି ରହିଥିବା ସଂଘର କାର୍ଯ୍ୟାଳୟ କୋଠାକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରାଯିବାକୁ ସଭାରେ ଆଲୋଚନା କରାଯାଇଥିଲା। ବାରିଷ୍ଟର ମଧୁବାବୁଙ୍କ ନାଁରେ ନାମିତ ଓକିଲ ସଂଘର ଲାଇବ୍ରେରୀକୁ ବିଭିନ୍ନ ଆଇନ ସମ୍ପର୍କିତ ପୁସ୍ତକ ଯୋଗାଇଦେବା ଲାଗି ରାଜ୍ୟ ଆଇନଜୀବୀ ପରିଷଦକୁ ଅନୁରୋଧ କରାଯିବା ପାଇଁ ସଭାରେ ନିର୍ଦ୍ଧାରଣ ଗୃହୀତ କରାଯାଇଥିଲା। ସଭାରେ ସଂଘ କର୍ମକର୍ତ୍ତା ପ୍ରିୟରଞ୍ଜନ ପଟ୍ଟନାୟକ, ସୀମାଞ୍ଚଳ ପ୍ରଧାନ, ରବୀଚନ୍ଦ୍ର ଗୌଡ଼ଙ୍କ ସମେତ ବହୁ ସଂଖ୍ୟକ ଆଇନଜୀବୀ ଉପସ୍ଥିତ ଥିଲେ।

## କାଠପଟା ସହ ଅଟୋ ଜବତ, ଜଣେ ଗିରଫ



ଜବତ କାଠପଟା ସହ ଗିରଫ ଅଭିଯୁକ୍ତ।

ଦାରିଙ୍ଗବାଡି,୧୮।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବନାଞ୍ଚଳର ଗଦଡ଼ି ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଏକ କାଠ ବୋଝେଇ ଅଟୋ ଜବତ କରିବା ସହ ଜଣକୁ ଗିରଫ କରିଛି । ସେ ହେଲେ ରାଇକିଆ ଥାନା ସିପିଏଜୁ ଗ୍ରାମର କଇନ ଦିଗାଲ । ଜବତ ଅଟୋରୁ ୧୧ ଖଣ୍ଡ ଶାଳ ଓ ୯ ଖଣ୍ଡ ପିଆଶାଳ ପଟା ଜବତ ହୋଇଥିବା ବେଳେ ଏହି କାଠ ରାଇକିଆ ଥାନା କତିଙ୍ଗିଆ ଗ୍ରାମକୁ ଚୋରାଚାଲାଣ ହେଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ରାତିରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ଗଦଡ଼ି ଗ୍ରାମ ନିକଟରେ ଏକ କାଠ ପଟା ବୋଝେଇ ଅଟୋ ରାଇକିଆ ଅଭିମୁଖେ ଯାଉଥିବା ବେଳେ ଅଟୋକୁ ବନ କର୍ମଚାରୀମାନେ ଧରିଥିଲେ। ଏହି ଚଢ଼ାଉରେ ସିମନବାଡ଼ି ବନପାଳ ରବି ମୋହନ ନାୟକ, ବାଡ଼ାବାଙ୍ଗା ସେକ୍ସନ ବନପାଳ ରାଜେଶ୍ୱର ବଡ଼ମାଝୀ, ବନରକ୍ଷୀ ବିଜୟାନନ୍ଦ ସେଠୀ, ସଦାଶିବ ଦିଗାଲଙ୍କ ସମେତ ଆଣ୍ଟି ସ୍କ୍ୱାଡ କର୍ମଚାରୀ କୃଷ୍ଣ ବେହେରା, ମନୋଜ ବେହେରା ପାରା ଫରେଷ୍ଟର ପୃଥୀରାଜ ପାତ୍ର ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ



ବିଧାୟକଙ୍କ ଜି.ଉଦୟଗିରି ଗସ୍ତ।

ଜି.ଉଦୟଗିରି,୧୮।୯(ଡି.ଏନ.ଏ.)

ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଶୁକ୍ରବାର ସ୍ଥାନୀୟ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ମୁକୁଲିଙ୍ଗିଆ ହିଲଟପ୍ ପରିଦର୍ଶନ କରିଛନ୍ତି। ରଙ୍ଗିଙ୍ଗିଆଠାରେ ମଠ ଗୃହ ଉଦ୍‌ଘାଟନ କରିଥିଲେ ବିଧାୟକ। ଏହା ସହିତ ଜି.ଉଦୟଗିରି ନିକଟସ୍ଥ ନୂତନ ପର୍ଯ୍ୟଟନସ୍ଥଳ ମୁକୁଲିଙ୍ଗିଆ ହିଲଟପ୍ ପରିଦର୍ଶନ କରି ଏହା କିପରି ବିକାଶ କରିବା ସହିତ ପ୍ରାଥମିକ ପର୍ଯ୍ୟାୟରେ କିଭଳି ରାସ୍ତା ନିର୍ମାଣ କରାଯିବ ତାହାରି ଉପରେ ଆଲୋଚନା କରି ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏହା ସହିତ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇଁ ସରକାରଙ୍କ ନିକଟରେ ଦାବି ରଖିବୁ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଲିଙ୍ଗରାଜ କହଁର, ବ୍ଲକ ମହିଳା ବିଜେଡି ସଭାପତି ବିଜୟିନୀ ନାୟକ, ନଗର ସଭାପତି ଗୋପାଳ ମହାପାତ୍ର, ନଗର ମହିଳା ବିଜେଡି ସଭାପତି ଭାନୁପ୍ରଭା ମିଶ୍ର, ବ୍ଲକ ଛାତ୍ର ସଭାପତି ଛଟନ ନାୟକ, ବିଧାୟକ ପ୍ରତିନିଧି ଯମେସ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସଚିକାନ୍ତ ପ୍ରଧାନଙ୍କ ସମେତ ଏମଡି ଆଲମସ୍, କିଶୋର ନାୟକ ଯୋଗଦେଇଥିଲେ।

## ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧ ଦିବସ

ପାରଳାଖେମୁଣ୍ଡି/କାଶୀନଗର, ୧୮।୯(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥ ମହିଳାସ୍ ମହାବିଦ୍ୟାଳୟ ପରିସରରେ ପୂର୍ବତନ ବିଧାୟକ ତଥା ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ତ୍ରିନାଥ ସାହୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡଃ ରୀନା ସାହୁଙ୍କ ଅଧକ୍ଷତାରେରେ ଆୟୋଜିତ ଏହି ସଭାରେ ସାହୁଙ୍କର ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ଅଧାପିକା ଡଃ ଭାରତୀ ପାଣିଗ୍ରାହୀ, ଡଃ କଲ୍ୟାଣି ମିଶ୍ର, ବରଦା ଆଚାର୍ଯ୍ୟ ସ୍ୱର୍ଗତ ସାହୁଙ୍କର ଶିକ୍ଷା, କଳା, ସଂସ୍କୃତି ତଥା ପରଳାର ଉନ୍ନତି ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଓଁ ଶାନ୍ତି ଆଶ୍ରମରେ ଚାରା ରୋପଣ କାର୍ଯ୍ୟକ୍ରମ



ଆଶ୍ରମ ପରିସରରେ ଚାରା ରୋପଣ କରାଯାଉଛି।

ଗଞ୍ଜାମ,୧୮।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର କାର୍ତ୍ତିକଡି ଗ୍ରାମ ସ୍ଥିତ ଓଁ ଶାନ୍ତି ଆଶ୍ରମରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆୟକର ବିଭାଗ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀ ଏବଂ ଓଁ ଶାନ୍ତି ଆଶ୍ରମର ମିଳିତ ସହଯୋଗରେ ୧୧୦ ପିଜୁଳି, ଆମ୍ବ, ପଣସ ଆଦି ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡୀ ଓ ଉପଦେଷ୍ଟା ନରହରି ରେଡ୍ଡୀଙ୍କ ସହଯୋଗରେ ବ୍ରହ୍ମପୁର ଆୟକର ଅଧିକାରୀ କଳ୍ପତରୁ ମିଶ୍ର, ଆୟକର ଆୟୁକ୍ତ ଅଧିକାରୀ ଅଜୟ କୁମାର ବିଶ୍ୱାଳ, ମୁସେସ ପ୍ରଧାନ, ଯୁଗ୍ମ ଆୟକର ଆୟୁକ୍ତ ତ୍ରିନାଥ କାର୍ଜି ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ଆଶ୍ରମର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀ, ଓଁ ଶାନ୍ତି ଆଶ୍ରମ ଆଦ୍ୟକ୍ତା ବି କେ ପୁରୁଷୋତ୍ତମଙ୍କ ସହ ଭଗବାନ, ରାମଚନ୍ଦ୍ର, ସାଗର, ଶ୍ରୀରାମୁଲୁ, ଧରମା, ଦିଲୁ, କ୍ରିଷ୍ଣା, ନାରାୟଣ, ଯୋଗୀ, ନରସିଂହ ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟୁତ୍ ତାରରେ ନଦୀ ପାର

- ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର
- ଯାତାୟାତ ସମସ୍ୟାରେ ୭ଖଣ୍ଡ ଗ୍ରାମବାସୀ

ଆର.ଉଦୟଗିରି,୧୮।୯(ଡି.ଏନ.ଏ.)



ତାର ଦ୍ୱାରା ନଦୀ ପାର ହେଉଛନ୍ତି ଜଣେ ବ୍ୟକ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ଲୋକଙ୍କ ନିକଟରେ ବିକାଶ ପହଞ୍ଚି ପାରୁନି। ସ୍ଥାନୀୟ ବ୍ଲକର ବିଭିନ୍ନ ଗ୍ରାମକୁ ଯିବାକୁ ହେଲେ ଲୋକଙ୍କୁ ନଦୀ ନାଳ ପାର ହେବାକୁ ପଡୁଛି। ବର୍ଷାଦିନ ଆସିଲେ ଗମନାଗମନ ଠପ୍। ବିପଦ ସଙ୍କୁଳ ଅବସ୍ଥାରେ ଲୋକେ ନଦୀ ନାଳ ପାର ହେବାକୁ ଭୟ କରୁଛନ୍ତି। ତଥାପି ପରିବାର ପ୍ରତିପୋଷଣ ଓ ଜରୁରୀ କାମରେ ବାଧ ହୋଇ ନଦୀ ପାର ହୋଇ ଯାଆନ୍ତି। ଏଭଳି ଏକ ଗ୍ରାମ ହେଉଛି ମୋହନା ବ୍ଲକଠାରୁ ପ୍ରାୟ ୭୦ କି.ମି. ଦୂରରେ ରହିଥିବା ଗରଡମା ପଞ୍ଚାୟତ ରାଜଖମା ଗ୍ରାମ। ଏହି ଗ୍ରାମରେ ବାସ କରନ୍ତି ୩୫ ଘରର ୨୦୦ରୁ ଉର୍ଦ୍ଧ୍ୱ ଲୋକେ। ଗରଡମା ପଞ୍ଚାୟତ କାର୍ଯ୍ୟାଳୟ ଓ ମୋହନା ବ୍ଲକକୁ ଯେକୌଣସି କାମରେ ଯିବାକୁ ହେଲେ ବେତାଗଣ୍ଡା, କୁରୁମା, କୁଟିପଦର, ରାଜଖମା, ଗୁରୁପଙ୍କା, ପଣିସଢିଅ ଆଦି ୭ ଖଣ୍ଡ ଗ୍ରାମର ଲୋକେ କନ୍ଧମାଳ ଜିଲା ଗଦାପୁର ନଦୀ ପାର ହୋଇଯିବାକୁ ପଡେ। ବର୍ଷାଦିନ ହେଲେ ବଢିଲା ନଈ ପାର ହୋଇଯିବା କାଠିକର ପାଠ। ଗ୍ରାମ ଗୁଡିକର କୌଣସି ଗର୍ଭବତୀ ମହିଳା କିମ୍ବା ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହେଲେ ରସହଣ୍ଡାରେ ରଶି ବାନ୍ଧି ନଦୀ ପାର କରିବାକୁ ପଡୁଛି। ଗତ ଲଘୁଚାପ ଲଗାଣ ବର୍ଷାରେ ଉପର ମୁଣ୍ଡରୁ ବନ୍ୟାଜଳ ପ୍ରବଳ ବେଗରେ ପ୍ରବାହିତ ହେବାରୁ ଲୋକେ ବିଦ୍ୟୁତ୍ ତାର ନଦୀର ଉଭୟ ପାର୍ଶ୍ୱରେ ରହିଥିବା ଗଛକୁ ବାନ୍ଧି ପାର ହେଉଛନ୍ତି। ଏହି ଗଦାପୁର ନଦୀ ଉପରେ ପୋଲ ନିର୍ମାଣ ପାଇଁ ପଞ୍ଚାୟତବାସୀ ନେତା, ମନ୍ତ୍ରୀ, ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନକୁ ବିଭିନ୍ନ ସମୟରେ ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ ମଧ୍ୟ ପ୍ରତିଶ୍ରୁତି ପାଣିରେ ଗାର ଭଳି ରହିଯାଇଛି। ବହୁ ଦିନର ଏହି ଦାବିକୁ ପ୍ରଶାସନ ପୂରଣ କରି ନପାରିଲେ ଅଞ୍ଚଳବାସୀ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଠି ପାନୀୟ ଜଳର ଘୋର ଅଭାବ ସାଙ୍ଗକୁ ରାସ୍ତାଘାଟର ଦୁରାବସ୍ଥା। ପକ୍କା ରାସ୍ତା ନ ଥିବାରୁ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ଡିଟ୍ଲି ପରେ ଘାଟି କଟା ଯାଇ ମାଟି ପକାଇ ରାସ୍ତା ନିର୍ମାଣ କରିଥିଲା। କିନ୍ତୁ ବର୍ଷାରେ ଧୋଇ ହୋଇଯାଇଛି ରାସ୍ତା। ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛି ସ୍ଥାନରେ କଲଭର୍ଟ ନିର୍ମାଣ ହୋଇଛି। କିନ୍ତୁ ତାହାର ଉଭୟ ପାର୍ଶ୍ୱରେ ପଥର ବାଡ କି ମାଟି ମଧ୍ୟ ପକାଯାଇନି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ରାଜକୋଷରୁ ଟଙ୍କା ହଡପ କରିନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ୨ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆସିକା, (ଡି.ଏନ.ଏ.): ଆସିକା ବିଜ୍ଞାନ ମହାବିଦ୍ୟାଳୟର ୨ଜଣ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରଦର୍ଶକ ପୂର୍ଣ୍ଣଚନ୍ଦ୍ର ରାୟଗୁରୁ ଓ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ମୁନିଙ୍କୁ ଶନିବାର ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ସ୍ମିତାରାଣୀ ପଣ୍ଡା, ଧନଞ୍ଜୟ ମହାପାତ୍ର, ମମତା ମିଶ୍ର, କେଦାରନାଥ ପଣ୍ଡା, ଡ. ଅଭୟକେଶରୀ ପରିଚ୍ଛା ପଟ୍ଟନାୟକ, ରାଜେଶ କୁମାର ସାହୁ, ସାଶ୍ୱତ ମିଶ୍ର ପ୍ରମୁଖ ଅବସରପ୍ରାପ୍ତ ଏହି କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଓ ବନ୍ଧୁବତ୍ସଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ ଅବସରରେ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ଦୁଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

**ସଂକ୍ଷେପରେ**

## ମହାନବମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଖଜୁରିପଡ଼ା/ବଲସକୁମ୍ପା, ୧୮।୯ (ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ପ୍ରସିଦ୍ଧ ମାଁ ବରାଳଦେବୀଙ୍କ ଆସନ୍ତା ୧୪ ତାରିଖରେ ମହାନବମୀ ଓ ଦଶହରା ପୂଜା ପାଳିତ ହେବ। ସ୍ଥାନୀୟ ବରାଳଦେବୀ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପଠାରେ ମାଁ ବରାଳ ଦେବୀ ମନ୍ଦିର ପରିଚାଳନା କମିଟିର ସଭାପତି ଚିତରଞ୍ଜନ ପ୍ରଧାନ ଓ ତହସିଲଦାର ସ୍ୱପ୍ନିତା ନାଏକଙ୍କ ତତ୍ତ୍ୱାବଧାନରେ ଶନିବାର ମହାନବମୀ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ସରକାରଙ୍କ କୋଭିଡ୍ ଗାଇଡ଼ ଲାଇନକୁ ଦୃଷ୍ଟିରେ ରଖି କିଭଳି ଶାନ୍ତି ଶୃଙ୍ଖଳାରେ ମହାନବମୀ ଓ ଦଶହରା ପୂଜା ହୋଇପାରିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅକ୍ଟୋବର ୧ ତାରିଖରେ ମାଁଙ୍କ ଦାନ ହୁଣ୍ଡି ଖୋଲାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କରାଗଲା ଏବଂ ଜିଲାପାଳଙ୍କଠାରୁ ଅନୁମତି ଆଣି ପୂଜା ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର କହଁର, ଉପସଭାପତି ଗୌତମ ପ୍ରଧାନ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ଦଳବେହେରା, ସେବାୟତ ଦିଲୀପ କୁମାର୍ ଦଳବେହେରା, ଉଦ୍ଧବ ବିଶୋଇ, ନଟବର ନାୟକ ମୁଖ୍ୟ ସେବକାରୀ ରଘୁନାଥ ସାହାଣୀ ଏବଂ ରାଜସ୍ୱ ନୀରିକ୍ଷକ ଅଧିକାରୀ ସବିତା ନାୟକ ଏବଂ ଅମିୟ ଭୂଷଣ ରାମ ଓ ପ୍ରତ୍ୟେକ ମୁଠାର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ମାଁ ଇଷ୍ଟଦେବୀ ଯୁବକଳା ପରିଷଦ ସଭାପତି ବୈଦ୍ୟନାଥ ବେହେରା, ସମ୍ପାଦକ ବିଦୂର ବେହେରା, ମାଁ ବରାଳଦେବୀ ଯୁବକ ସଂଘ ସଭାପତି ଦିଲୀପ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

## ୧୧୨ ଶିକ୍ଷକ, ଷ୍ଟାଫ୍ ନେଇନାହାନ୍ତି କରୋନା ଟିକା

**ଛତ୍ରପୁର,୧୮।୯(ଡି.ଏନ.ଏ.)**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଜାରି ରହିଛି । ତୃତୀୟ ଲହର ସମ୍ଭାବନା ଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ରାଜ୍ୟରେ ପିଲାମାନେ କରୋନାରେ ସଂକ୍ରମିତ ହେବା ନେଇ ଚିନ୍ତା ବଢ଼ିଛି । ପିଲାମାନଙ୍କ ପାଇଁ କରୋନା ଟିକା ସୁବିଧା ନ ଥିବାବେଳେ ସ୍କୁଲ ଓ କଲେଜର ଶତ ପ୍ରତିଶତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ନନ୍ ଟିଚିଂ ଷ୍ଟାଫ୍ କରୋନା ଟିକା ନେବା ବାଧ୍ୟତାମୂଳକ ରହିଛି। ଦୈନିକ କେତେଜଣ ଶିକ୍ଷକ ଏବଂ ଷ୍ଟାଫ୍ ଟିକା ନେଇଛନ୍ତି ସେନେଇ ରିପୋର୍ଟ ବ୍ଲକ ଶିକ୍ଷା ଅଧିକାରୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ପଠାଉଛନ୍ତି। ଏଥିସହ ସ୍କୁଲ ଓ କଲେଜର ସମସ୍ତ ଶିକ୍ଷକ ଏବଂ ସେଠାର ଷ୍ଟାଫ୍‌ମାନେ ଯେଭଳି କରୋନା ଟିକା ନେବେ ସେ ଉପରେ ଧ୍ୟାନ ଦେବାକୁ ମଧ୍ୟ କୁହାଯାଇଛି । ତେବେ ଜିଲାରେ ବହୁ ଶିକ୍ଷକ ଓ ଷ୍ଟାଫ୍‌ମାନେ ଟିକା ନେଇ ନ ଥିବା ଜଣାପଡ଼ିଛି । ଛତ୍ରପୁର ବ୍ଲକରେ ଥିବା ସ୍କୁଲ ଓ ଦ୍ୱାଦଶ ପର୍ଯ୍ୟନ୍ତ ଥିବା କଲେଜର ବହୁ ଶିକ୍ଷକ ଓ ଷ୍ଟାଫ୍ ଏପର୍ଯ୍ୟନ୍ତ କରୋନା ଟିକା ନେଇନଥିବା ଜଣାପଡ଼ିଛି । ଅପରପକ୍ଷରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଅଭିନବ ଉପାୟ ଅବଲମ୍ବନ କରି ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ନନ୍ ଟିଚିଂ ଷ୍ଟାଫ୍ କିଭଳି ଟିକା ନେବେ ସେନେଇ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଥିଲେ । ଏଥିରେ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ ସହଯୋଗ କରି ସ୍ପେଶାଲ ଡ୍ରାଇଭ ଟିକାକରଣରେ ସାମିଲ ହୋଇଥିଲେ । ଏହାପରେ ଅନେକ ଶିକ୍ଷକ ଓ ଷ୍ଟାଫ୍ ଟିକା ନେଇଥିବା କୁହାଯାଇଛି । ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସୁଦ୍ଧା ଛତ୍ରପୁର ବ୍ଲକ ଓ ଏନ୍‌ଏସିରେ ଥିବା ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜଗୁଡ଼ିକର ୮୮ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୨୪ ନନ୍ ଟିଚିଂ ଷ୍ଟାଫ୍ ମୋଟ ୧୧୨ ଜଣ ଟିକା ନେଇନାହାନ୍ତି । ସେଥିମଧ୍ୟରେ ୩ ଜଣ ସରକାରୀ ସ୍କୁଲ, କଲେଜ ଶିକ୍ଷକ ଥିବାବେଳେ ୮୫ ବେସରକାରୀ ସ୍କୁଲ ଓ କଲେଜର ଶିକ୍ଷକ ରହିଛନ୍ତି । ସେହିପରି ଜଣେ ସରକାରୀ ସ୍କୁଲ,କଲେଜର ଏବଂ ୨୩ ଜଣ ବେସରକାରୀ ସ୍କୁଲ ଓ କଲେଜର ନନ୍ ଟିଚିଂ ଷ୍ଟାଫ୍ ଅଛନ୍ତି । ଛତ୍ରପୁର ବ୍ଲକ ଓ ଏନ୍‌ଏସିରେ ବିଭିନ୍ନ ସ୍କୁଲ ଓ କଲେଜରେ ୯୯୬ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୩୮୬ ନନ୍ ଟିଚିଂ ଷ୍ଟାଫ୍ ଅଛନ୍ତି । ସେଥିରୁ ୭୧୨ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୨୪୮ ଜଣ ନନ୍ ଟିଚିଂ ଷ୍ଟାଫ୍ ଦୁଇଟି ଯାକ ଟିକା ନେଇଛନ୍ତି। ଅପରପକ୍ଷରେ ୧୯୬ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୧୧୪ ଜଣ ଷ୍ଟାଫ୍ କେବଳ ପ୍ରଥମ ଡୋଜ୍‌ଟିକା ନେଇଥିବା ସୂଚନା ଦିଆଯାଇଛି।

## ଜଳଭଣ୍ଡାର ତଳିଆ ଅଞ୍ଚଳ ଲୋକଙ୍କୁ ସଚେତନତା

### ଲଘୁଚାପ ପ୍ରଭାବରେ ବନ୍ୟା ଆଶଙ୍କା



ମାଇକ୍ ଯୋଗେ ଗ୍ରାମବାସୀଙ୍କୁ ସଚେତନତା କରାଯାଉଛି ।

**ଭଞ୍ଜନଗର,୧୮।୯(ଡି.ଏନ.ଏ.)**

ଲଘୁଚାପ ଜନିତ ବର୍ଷା ଭଞ୍ଜନଗର ଅଞ୍ଚଳରେ ରବିବାର ଓ ସୋମବାର ସମ୍ଭାବନା ଥିବାରୁ ସାମ୍ଭାବ୍ୟ ବନ୍ୟା ଆଶଙ୍କା ରହିଛି । ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ ଡ଼ହ ଜଳଭଣ୍ଡାରରୁ ପାଣି ଛଡ଼ାଯିବା ଜଣାପଡ଼ିଛି। ଶନିବାର ଡ଼ହ ଜଳସେଚନ ବିଭାଗ ପକ୍ଷରୁ ମାଇକ ଯୋଗେ ଜଳଭଣ୍ଡାରକୁ ଲାଗି ଏବଂ ଲୋହରାଖଣ୍ଡି ନଦୀ ତଟରେ ରହୁଥିବା ଗ୍ରାମବାସୀଙ୍କୁ ବର୍ଷା ହେଲେ ପାଣି ଛଡ଼ାଯିବା ନେଇ ସଚେତନ କରାଯାଇଥିଲା। ଶନିବାର ସନ୍ଧ୍ୟା ସୁଦ୍ଧା ଡ଼ହ ଜଳଭଣ୍ଡାରରେ ୭୫ ପ୍ରତିଶତ ପାଣି ଅଛି। ବର୍ଷା ହେଲେ ପାଣି ଛଡ଼ାଯିବ। ଭଞ୍ଜନଗର ଜଳଭଣ୍ଡାରରେ ୫୦ ପ୍ରତିଶତ ପାଣି ଥିବା ବେଳେ ସୋରଡ଼ାରେ ୪୦ ପ୍ରତିଶତ ପାଣି ଅଛି । ବାଘୁଆରେ ମଧ୍ୟ ବହୁତ କମ ପାଣି ଅଛି । ଏନେଇ ଭଞ୍ଜନଗର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀଙ୍କ ସହ ଯୋଗାଯୋଗ କରିବାରୁ, ବର୍ଷା ହେଲେ କେବଳ ଡ଼ହରୁ ପାଣି ଛଡ଼ାଯିବ। ଅନ୍ୟ ଜଳଭଣ୍ଡାରରୁ ପାଣି ଛାଡ଼ିଲା ଭଳି ପରିସ୍ଥିତି ବର୍ତ୍ତମାନ ନାହିଁ ।

## ଅପସ୍ମାରରେ ଆକ୍ରାନ୍ତ ଆଶିଷଙ୍କୁ ନେଇ ଚିନ୍ତାରେ ଅଭିଭାବକ

**ଫୁଲବାଣୀ ଅଫିସ/ଚକାପାଦ, ୧୮।୯**

ବୟସ ୨୦ ଟପିଲାଣି । ସଳଖ ହୋଇ ଠିଆ ହୋଇପାରୁ ନାହାନ୍ତି। ଦୀର୍ଘ ବର୍ଷ ଧରି ଘରେ ପଡି ରହିଛନ୍ତି । ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଦିନ ମଜୁରିଆ ମା' ବାପା ପୁଅ ଭଲ ହେବା ପାଇଁ ବହୁ ଅର୍ଥ ଖର୍ଚ୍ଚ କରି ଏବେ ନିରୁପାୟ ହୋଇପଡିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଚକାପାଦ ବ୍ଲକ କଖାରୁଝୋଲା ଗ୍ରାମରେ। ଅପସ୍ମାରରେ ଆକ୍ରାନ୍ତ ଆଶିଷଙ୍କୁ ସହାୟତା ଯୋଗାଇ ଦେବା ଏବଂ ସରକାରୀସ୍ତରରେ ମାଗଣା ଚିକିତ୍ସା କରାଇବାକୁ ମା' ବାପା ଆକୁଳ ନିବେଦନ କରିଛନ୍ତି।

ଗ୍ରାମର ଦୟାନିଧି ନାୟକଙ୍କ ପୁଅ ଆଶିଷ। ପିଲାଟି ଦିନରୁ ସେ ଅପସ୍ମାରରେ ଆକ୍ରାନ୍ତ ହୋଇଛନ୍ତି । ଦୟାନିଧି ଓ ତାଙ୍କ ସ୍ତ୍ରୀ ଟୁନି ମଜୁରି ଖଟି ପେଟ ପୋଷୁଛନ୍ତି। ପୁଅର ଚିକିତ୍ସା ପାଇଁ ନିଜେ ସଞ୍ଚିଥିବା ଅର୍ଥ



ଆଶିଷଙ୍କ ସହ ମା' ବାପା ।

ସାରିବା ସହ ବହୁ ଟଙ୍କା ଧାର ଉଧାର କରି ସାରିଲେଣି । ହେଲେ ପୁଅ ଭଲ ହେଉନାହିଁ । ଔଷଧ କିଣିବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପୁଅ ଆଶିଷ ଅକର୍ମଣ୍ୟ ହୋଇ ଘରେ ପଡି ରହିଛନ୍ତି। ତାଙ୍କ ସେବା ଶୁଶ୍ରୁଷା କରିବା ପାଇଁ ଟୁନି ଆଉ କାମ କରିବାକୁ ଯାଇ ପାରୁନାହାନ୍ତି। ପରିସ୍ଥିତି ଏପରି ହେଲାଣି ଅର୍ଥ ଅଭାବରୁ ୩ ଜଣ ଦିନ ସାରା ଭଲରେ ଖାଇବାକୁ ପାଉ ନାହାନ୍ତି । ପୁଅର ଚିକିତ୍ସା ପାଇଁ ମା' ବାପା ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲା ପ୍ରଶାସନ ପାଖରେ ଗୁହାରି କରିଥିଲେ ହେଁ କେହି କିଛି ଶୁଣୁ ନାହାନ୍ତି । ଆଶିଷଙ୍କ ପାଇଁ ସରକାରୀସ୍ତରରେ ମାଗଣା ଚିକିତ୍ସା ଯୋଗାଇ ଦେବା ପାଇଁ ମା' ଟୁନୀ ଏବଂ ବାପା ଦୟାନିଧି ଗୁହାରୀ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜ୍ୟଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ତାଙ୍କର ପରୀକ୍ଷା କରାଯାଇ ଚିକିତ୍ସା ସେବା ମାଗଣାରେ ଯୋଗାଇ ଦିଆଯିବ । ଯଦ ଅଧିକ ଚିକିତ୍ସାର ଆବଶ୍ୟକତା ପଡେ ତାଲେ ଆମେ ବାହାରକୁ ପଠାଇବାର ବ୍ୟବସ୍ଥା କରିବୁ ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ରମ୍ଭା,୧୮।୯**

ସାବୁଳିଆ ଛାତ୍ରୀଛାତ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଶନିବାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ୧୯୮୨-୮୩ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉପଢୌକନ ପ୍ରଦାନ ସହ ମାନପତ୍ର ଦିଆଯାଇଥିଲା। ଏଥିସହ କାର୍ଯ୍ୟକ୍ରମ ପୂର୍ବରୁ ଦିବଂଗତ ଶିକ୍ଷୟିତ୍ରୀ ଶିକ୍ଷକ, ବନ୍ଧୁ ଓ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଦଶ କୁମାର ସାହୁ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଶିକ୍ଷକ ବିଜୟ କୁମାର ଦାସ, ଶିକ୍ଷୟିତ୍ରୀ ମିନାରାଣୀ ଦାସ, ବିଶ୍ୱନାଥ ଦାସ, ଲକ୍ଷ୍ମୀଧର ପ୍ରହରାଜ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବାଉରୀ ବନ୍ଧୁ ଗୌଡ଼ (ସଭାପତି), ପ୍ରଦଶ କୁମାର ସାହୁ (ସମ୍ପାଦକ), ଉମାକାନ୍ତ ସାହୁ (କୋଷାଧ୍ୟକ୍ଷ), ବିଶ୍ୱଜିତ ତରାଇ (ପରିଚାଳକ), ଅକ୍ଷୟ କୁମାର ସେନାପତି (ଉପଦେଷ୍ଟା ଓ ମାର୍ଗଦର୍ଶକ), ସୁରେନ୍ଦ୍ର କୁମାର ସାହୁ (ସଂଯୋଜକ /ମିଡ଼ିଆ ସେଲ)ଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭାରତ ବନ୍ଦ ସଫଳ ନେଇ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ୍,୧୮।୯**

ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ରେ ଭାରତ ବନ୍ଦ ସଫଳ କରିବା ନିମନ୍ତେ ଶନିବାର ଶହୀଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଗଣ ସଂଗଠନମାନଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଉଟି ଓ କୃଷକ ବିରୋଧୀ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ରଦ୍ଦ, କୃଷକ ସର୍ବନାଶକାରୀ କୃଷି ଜାତ ଦ୍ରବ୍ୟର ବାଣିଜ୍ୟ, ବ୍ୟବସାୟ ଏବଂ ବିତରଣକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରି ସମ୍ପୂର୍ଣ୍ଣ କର୍ପୋରେଟକରଣ କରିବା ଆଇନ୍ ରଦ୍ଦ, ସରକାରୀ ନିୟନ୍ତ୍ରିତ ମଣ୍ଡି ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା। ଏଥିରେ ଶ୍ରୀହର୍ଷ ରଥ, ସିଆଇଟିୟୁର ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ସେବା ସପ୍ତାହ

**ବ୍ରହ୍ମପୁର ଅଫିସ/ଛତ୍ରପୁର (ଡି.ଏନ୍.ଏ.), ୧୭।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସରେ ଶୁକ୍ରବାର ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ଭାଜପା ପକ୍ଷରୁ ସେବା ସପ୍ତାହ ଆରମ୍ଭ ହୋଇଛି। ଏହି ଅବସରରେ ବ୍ରହ୍ମପୁ ସହରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିକୁ କରାଯିବା ସହ ମାଲ୍ୟାର୍ପଣ କରାଯାଇଥିଲା। ରାମ ଲିଙ୍ଗେଶ୍ୱର ମନ୍ଦିରଠାରେ ମୋଦିଙ୍କ ଲକ୍ଷ୍ୟ ପୂରଣ ନିମନ୍ତେ ୭୧ଟି ଦୀପ ପ୍ରଜ୍ୱଳନ ସହ ଠାକୁରଙ୍କୁ ୭୧ଟି ପଦ୍ମ ଚଢ଼ାଯାଇ ଗାୟତ୍ରୀ ମନ୍ତ୍ର, ମହା ମୃତ୍ୟୁଞ୍ଜୟ ମନ୍ତ୍ର ଓ ରାମତାରକ ପାଠ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲା ଭାଜପା ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଯୋଗ ଦେଇଥିଲେ। ଜିଲା ଉପସଭାପତି ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ଉପସଭାପତି କିରଣ କୁମାର ସାହୁଙ୍କ ସମେତ ଅଶୋକ ନିମାଇଁ, ଶରତ ସାହୁ, କେ. ରବି ରାଓ ପ୍ରମୁଖ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ଛତ୍ରପୁର ଉପଖଣ୍ଡ ହସ୍ପିଟାଲରେ ଭାଜପା ନେତା ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏଥିସହ ଚାରାରୋପଣ କରାଯାଇଥିଲା । ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ଏନଏସି ପ୍ରଭାରୀ ସୁବାସ ଚନ୍ଦ୍ର ସାହୁ, ଜିଲା ଲିଗାଲ ସେଲ ଆବାହକ ପ୍ରଦୀପ କୁମାର ପାଢୀ, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ ରାଉଳ, ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ପୋଷଣ ବାଟିକା , ଚାରା ରୋପଣ ମହାଭିଯାନ

**ଆର.ଉଦୟଗିରି,୧୮।୯(ଡି.ଏନ.ଏ.)**

୨୦୨୩ ଉପଲକ୍ଷେ ଜିଲାର କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ଆର.ଉଦୟଗିରି ପରିସରରେ ଇଫକୋର ମିଳିତ ସହଯୋଗରେ ଏକ ପୋଷଣ ବାଟିକା ଓ ଚାରା ରୋପଣ ମହାଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସଂଗ୍ରାମ ପରମଗୁରୁ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଉକ୍ତ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାସ ଚନ୍ଦ୍ର ସାମଲ, ଜିଲା ଜଳବିଭାଜିକା ମୁଖ୍ୟ ସୁରେଶ କୁମାର, ଜିଲା ପଶୁସମ୍ପଦ ବିଭାଗ ମୁଖ୍ୟ ଡ.ରମାକାନ୍ତ ରଣା, ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଦର୍ଶନ କୁମାର ସାହୁ, ଆର.ଉଦୟଗିରି କୃଷି ଜିଲା ଅଧିକାରୀ ଏମ.ଶ୍ରୀନିବାସ, ଆର.ଉଦୟଗିରି ବନ ବିଭାଗ ମୁଖ୍ୟ ସୁଜାତା ରାଣୀ ପଣ୍ଡା, ଇଫ୍‌କୋର ସହକାରୀ ମୁଖ୍ୟ ତାପସ ରଞ୍ଜନ ସାହୁ ଏବଂ ଆର.ଉଦୟଗିରି ଜିଲା ପରିଷଦ ଜାକବ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃଷକ, କୃଷିଜିବୀ ମହିଳାମାନଙ୍କୁ ବିହନ ପ୍ୟାକେଟ୍ ଓ ବୃକ୍ଷ ବିତରଣ କରାଯାଇଥିଲା ଏବଂ ଛାତ୍ରୀମାନଙ୍କୁ ମାଣ୍ଡିଆଯୁକ୍ତ ଖାଦ୍ୟ ବଣ୍ଟନ କରଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାରାରୋପଣ କରଯାଇଥିଲା। କେନ୍ଦ୍ରର କୃଷି ପାଣିପାଗ ବିଶେଷଜ୍ଞ ଜୟଶଙ୍କର ପ୍ରଧାନ, କୃଷି ଇଞ୍ଜିନିୟରିଂ ବିଶେଷଜ୍ଞ ଅମିତ ମାଝୀ, କାର୍ଯ୍ୟକ୍ରମ ସହାୟକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ତ୍ରୀର ମୁଣ୍ଡକୁ ପଥରରେ ଛେଚିଦେଲେ ସ୍ୱାମୀ

**ଫୁଲବାଣୀ ଅଫିସ, ୧୮।୯**

ଫୁଲବାଣୀ ସହର ଜିରିଙ୍ଗିପଡାରେ ସ୍ତ୍ରୀଙ୍କ ମୁଣ୍ଡକୁ ପଥରରେ ଛେଚ ଦେଇ ଶୁକ୍ରବାର ରାତିରେ ସ୍ୱାମୀ ଫେରାର୍ ହୋଇଯାଇଛନ୍ତି। ଆକ୍ରମଣରେ ଗୁରୁତର ଆହତ ମହିଳା ଜଣକ ହେଲେ ଭାଗ୍ୟବତୀ ନାୟକ। ତାଙ୍କୁ ପ୍ରଥମେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଭାଗ୍ୟବତୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁଇପର ଭାବେ କାମ କରନ୍ତି । ଶୁକ୍ରବାର ରାତିରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଖାଇପିଇ ଶୋଇଥିଲେ । ସକାଳେ ଅନ୍ୟ ଏକ କୋଠରୀରେ ଥିବା ପୁଅ ଝିଅ ଉଠି ମା' ବାପା ଶୋଇଥିବା ଘରେ ତାଲା ପଡିଥିବା ଦେଖିବାକୁ ପାଇଥିଲେ । ପଡିଶା ଲୋକଙ୍କୁ ଡାକି ତାଲା ଭାଙ୍ଗିବା ପରେ ଭିତରେ ଭାଗ୍ୟବତୀ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ପଡିଶା ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ



ବେଳାଭୂମିରେ ସଚେତନ ଶୋଭାଯାତ୍ରା

**ଗୋପାଳପୁର,୧୮।୯-(ଡ଼ି.ଏନ.ଏ.)**

ଆନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଏକାଡ଼େମୀ ଅଫ ଟେକ୍ନୋକ୍ରାଫ୍ଟ ଓ ଜାତୀୟ ସାଗରତଟ ଗବେଷଣା କେନ୍ଦ୍ର ଚେନ୍ନାଇ ଆନୁକୂଲ୍ୟରେ ଗୋପାଳପୁର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପ୍ରଫେସର ପ୍ରତାପ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥିଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଉପଜିଲାପାଳ ଭି.କିର୍ତ୍ତୀଭାସନ, ଏକାଡ଼େମୀ ଅଫ ଟେକ୍ନୋକ୍ରାଫ୍ଟ ନିର୍ଦ୍ଦେଶକ ଦୀପକ କୁମାର ଦାସ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ୫୫ ନମ୍ବର ଜିଲା ପରିଷଦ ସଭ୍ୟ ଶଶୀଭୂଷଣ ମହାନ୍ତି ଓ ଅନ୍ୟାନ୍ୟ ଅଧିକାରୀ ଏଥିରେ ଯୋଗ ଦେଇ ସଚେତନ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବହୁ ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ମାନେ ମିଳିତ ଭାବେ ଏକ ଶୋଭାଯାତ୍ରା କରି ବେଳାଭୂମିକୁ ସଫା ରଖିବା ସହ ଏଠାରେ ପ୍ଲାଷ୍ଟିକ ଓ ଜରି ନ ପକାଇବାକୁ ସଚେତନ କରିଥିଲେ।

## ଅସହାୟ ପରିବାରକୁ ସହାୟତା ଦାବି

**ଫୁଲବାଣୀ ଅଫିସ/ସାରଙ୍ଗଡ,୧୮।୯**

କେନ୍ଦ୍ର ଓ ରାଜ୍ୟ ସରକାର ଗରୀବ ଲୋକଙ୍କ ରହିବା ପାଇଁ ଆବାସ ଯୋଜନା କରିଛନ୍ତି । ପ୍ରକୃତ ଗରୀବ ହିତାଧିକାରୀ କାହିଁ କେଜାଣି ଏହି ଯୋଜନାରୁ ବଞ୍ଚିତ ହେଉଛି । ଏହା ପଛରେ ରାଜନୈତିକ ହସ୍ତକ୍ଷେପ ଅବା ପ୍ରଶାସନିକ ଅବହେଳା ରହିଛି । ଆଜିର ସମାଜରେ ଜଣେ କିଭଳି ଦାରୁଣ ଦୁଃଖ କଷ୍ଟରେ ଭଙ୍ଗା ଦଦରା ମାଟି ଘରେ ନିଜ ପିଲାମାନଙ୍କୁ ନେଇ ପଡି ରହିଛି, ତାହା ନିଶ୍ଚିତ ସଭ୍ୟ ସମାଜ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏଭଳି ହୃଦୟ ବିଦାରକ ଘଟଣା କ.ନୂଆଗାଁ ବ୍ଲକ ସାରଙ୍ଗଡ ପଞ୍ଚାୟତ ସଲାଗୁଡା ଗ୍ରାମରେ ଦେଖିବାକୁ ମିଳିଛି।

ସାରଙ୍ଗଡ ପଞ୍ଚାୟତ ସଲାଗୁଡା ଗ୍ରାମ ୧୩ ନଂ. ୱାର୍ଡରେ ଅନୁସୟା ବେହେରା ନିଜ ପରିବାର ନେଇ ରହଛନ୍ତି। ସ୍ୱାମୀଙ୍କର ଗତ



ଦଦରା ଘର ସମ୍ମୁଖରେ ପରିବାର ସଦସ୍ୟ ।

୩ ବର୍ଷ ହେବ ଦେହାନ୍ତ ହୋଇଛି। ପରିବାର କହିଲେ ପୁଅ, ବୋହୂ ଏବଂ ନାତି ନାତୁଣୀ । ଅନସୂୟା ଏବଂ ପୁଅ ଯୋଗେନ୍ଦ୍ର ଦିନ ମଜୁରି କଲେ ଘରେ ଚୂଲି ଜଳେ । ଏହି ୫ ଜଣ ସଦସ୍ୟ ଯେଉଁ ଘରେ ରହୁଛନ୍ତି ତାହା ନ ଦେଖିଲେ ଜଣେ ବିଶ୍ୱାସ କରିବ ନାହିଁ। ଲଗାଣ ବର୍ଷାରେ ଏହି ପରିବାର ଆଦୌ ଶୋଇ ପାରିନାହାନ୍ତି। ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ଘର ଖଣ୍ଡେ ପାଇଁ ନିବେଦନ କରିଥିଲେ ହେଁ, କେହି ଏମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ନାହାନ୍ତି। ଏହି ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ବୈଠକ

**ଆସିକା,୧୮।୯(ଡି.ଏନ.ଏ.):** କଳିଙ୍ଗ ବୈଶ୍ୟ ସଂଘ ରଷିକୂଲ୍ୟା ଅଞ୍ଚଳର ୨୬ତମ ସାଧାରଣ ଅଧିବେଶନ ଶନିବାର ସ୍ଥାନୀୟ ଅଶୋକା ସିନେମା ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କେ. ଗୋପାଳକୃଷ୍ଣ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଂଘ ସଭାପତି ଇ. ପୁରୁଷୋତ୍ତମ ପାତ୍ର ମୁଖ୍ୟଅତିଥି, ସମ୍ପାଦକ ବି. ରାମନାରାୟଣ ସୁବୁଦ୍ଧି, ସୁରେଶ ପାତ୍ର, ଶରତ ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ରଷିକୂଲ୍ୟା ଅଞ୍ଚଳର ପରିଚାଳନା କମିଟି ନିର୍ବାଚନ କିଶୋର ମୋହନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୩ ବର୍ଷ ପାଇଁ ଗୋପାଳ କୃଷ୍ଣ ସେନାପତି ସଭାପତି, ଚେଇନ ପାତ୍ର ଉପସଭାପତି, ତ୍ରିନାଥ ପାତ୍ର ସମ୍ପାଦକ, ତ୍ରିପତି ବାଲାଜୀ ପାତ୍ର ଯୁଗ୍ମ ସମ୍ପାଦକ, ରବିନାରାୟଣ ପାତ୍ର କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ରଷିକୂଲ୍ୟା ଅଚଳ ପକ୍ଷରୁ ପୁରୀଠାରେ ଏକ ଧର୍ମଶାଳା ନିର୍ମାଣ ଲାଗି ନିଷ୍ପିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। କଳିଙ୍ଗ ବୈଶ୍ୟ ଆସିକା ଷଷ୍ଠ ସଂଘ, ପିତଳ, କୁରୁଳା ଗୋବିନ୍ଦପୁର, ବଡଖରିଡା ସଂଘ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଆସିକା, ସୋରଡ଼ା, ବଡ଼ଗଡ଼, ଶେରଗଡ଼, ପୋଲସରା, କବିସୂର୍ଯ୍ୟନଗର ଆଦି ଅଞ୍ଚଳର ବୈଶ୍ୟ ସଂଘର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ ।

## ନିଷ୍ଟ'ର ରୌପ୍ୟ ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୋପାଳପୁର,୧୮।୯(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ପାଲୁରୁ ହିଲ୍ ସ୍ଥିତ ନିଷ୍ଟ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଶନିବାର ରୌପ୍ୟ ଜୟନ୍ତି ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭିଡ଼ିଓ ବାର୍ତ୍ତା ଜାରି କରିଥିଲେ । ଗତ ୨୫ ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ନିଷ୍ଟ ରାଜ୍ୟରେ ତଥା ଦେଶରେ ଉତ୍ତମ ପ୍ରଦର୍ଶନ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କଲେଜ୍‌ର ପ୍ରତିଷ୍ଠାତା ସୁକାନ୍ତ କେ.ମହାପାତ୍ର, କଲେଜ୍ ପରିଚାଳନା କମିଟି ସଦସ୍ୟ ବିମଳ କୁମାର ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୂଳପତି ଗୋବିନ୍ଦ ଜେ.ଚକ୍ରପାଣୀ ମଞ୍ଚାସୀନ ଥିଲେ । ୧୮ ସେପ୍ଟେମ୍ବର ୧୯୯୬ରେ ଏହି ଅନୁଷ୍ଠାନ ସ୍ଥାପନ ହୋଇଥିଲା। ବୈଷୟିକ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଏହି ଅନୁଷ୍ଠାନ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହ ଏଠାରୁ ବହୁ ବିଦ୍ୟାର୍ଥୀ ଉତ୍ତିର୍ଣ୍ଣ ହୋଇ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଛନ୍ତି ବୋଲି ପ୍ରତିଷ୍ଠାତା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଜର୍‌ର ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର୍ ଚାରୀ, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମିତିସଭ୍ୟଙ୍କ ପୁନଃ ଭୋଟ ଗଣତି ଶେଷ, ସୋମବାର ଶୁଣାଣି

**ଛତ୍ରପୁର,୧୮।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକ ସାରୁ ପଞ୍ଚାୟତ ସମିତି ସମିତି ସଭ୍ୟ ନିର୍ବାଚନର ପୁନଃ ଭୋଟ ଗଣତି ଶନିବାର ଛତ୍ରପୁର ଦେୱାନୀ କୋର୍ଟରେ କରାଯାଇଛି । ଏହି ମାମଲାର ଶୁଣାଣି ଆସନ୍ତା ସୋମବାର ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି ।

୨୦୧୭ ଫେବୃୟାରୀ ୨୧ ରେ ଉକ୍ତ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଏହାର ୪ଦିନ ପରେ ଫେବୃୟାରୀ ୨୫ ରେ ହିଞ୍ଜିଳି ବ୍ଲକ ପରିସରରେ ନିର୍ବାଚନ ଗଣତି ହୋଇଥିଲା। ପୁନଃ ଭୋଟ ଗଣତି ପରେ ରାମଚନ୍ଦ୍ର ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ପାତ୍ରଙ୍କଠାରୁ ୫ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ପ୍ରତିଦ୍ୱନ୍ଦ୍ୱୀ କରିଥିବା ପାତ୍ରଙ୍କର ସମସ୍ତ ବୁଥର ପୁନଃ ଗଣନା ଆବେଦନକୁ ନିର୍ବାଚନ ଅଧିକାରୀ ନାକଚ କରିଦେଇଥିଲେ। ଏହାପରେ ଅରୁଣ ଛତ୍ରପୁରର ବରିଷ୍ଠ ସିଭିଲ ଜଜ କୋର୍ଟରେ



ବାଲଟ ବକ୍ସ ।

ନିର୍ବାଚନ ମାମଲା (୪/୧୭) ଦାଖଲ କରିଥିଲେ। ପରେ ରାମଚନ୍ଦ୍ର ହାଇକୋର୍ଟର ଦ୍ୱାରସ୍ଥ ହେବାସହ ରହିତାଦେଶ ଆଣିଥିଲେ। ଏହାର ସମୟସୀମା ସରିବା ପରେ ଛତ୍ରପୁର ବରିଷ୍ଠ ସିଭିଲ ଜଜ୍ ପୁନଃ ଗଣତି ଆଦେଶ ଦେଇଥିଲେ। କୋର୍ଟ ଭିତରେ ଗଣତି କରାଯାଇଥିଲା। ବରିଷ୍ଠ ଦେୱାନୀ ଜଜ୍ ମାନସ ରଞ୍ଜନ ରାୟଙ୍କ ଉପସ୍ଥିତିରେ ଉଭୟଙ୍କ ପକ୍ଷରୁ ଓକିଲ, ଏବିଡିଓ ଅରୁଣ କୁମାର ପ୍ରଧାନ, ଜିପିଓ ପ୍ରଶାନ୍ତ କୁମାର ରଥ, ଏକାଉଣ୍ଟସ୍ ଅଫିସର ଦିବ୍ୟସିଂହ ନାୟକ, କାର୍ଯ୍ୟ ନିର୍ବାହୀ

**ସାରୁ ପଞ୍ଚାୟତ**

ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ଏବଂ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ପାତ୍ର ଓ ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଭୋଟ ଗଣତି ପରେ ୯ ବାଲଟ ପେପର କୋର୍ଟରେ ବିଚାରାଧୀନ ରହିଲା। ସୋମବାର ଏହା ଉପରେ ଶୁଣାଣି କରାଯିବ ବୋଲି ସରକାରୀ ଓକିଲ ସୁରେଶ ପଣ୍ଡା ସୂଚନା ଦେଇଛନ୍ତି ।

ଉକ୍ତ ପଞ୍ଚାୟତରେ ୧୪ଟି ବୁଥରୁ ୨୨୫୩ ଭୋଟ ଦେଇଥିଲେ । ସେଥିରେ ଅରୁଣଙ୍କୁ ୯୩୧ ଖଣ୍ଡ ଭୋଟ ମିଳିଥିବା ବେଳେ ରାମଚନ୍ଦ୍ରଙ୍କୁ ୯୩୬, ସୁରେଶ ପାଣିଗ୍ରାହୀଙ୍କୁ ୨୦୮ ଓ ୧୭୮ ଭୋଟ ନାକଚ ହୋଇଥିଲା। ମାମଲରେ ଆବେଦନକାରୀଙ୍କ ପକ୍ଷରୁ ଓକିଲ ଦେବେନ୍ଦ୍ର ମିଶ୍ର, ବ୍ରଜମୋହନ ଆଚାର୍ଯ୍ୟ, ପି.ଧରମା ରେଡ୍ଡୀ, ପ୍ରତିପକ୍ଷଙ୍କ ପକ୍ଷରୁ ଶ୍ରୀକାନ୍ତ ମିଶ୍ର ଓ ସରକାରଙ୍କ ପକ୍ଷରୁ ସୁରେଶ ପଣ୍ଡା ମାମଲା ପରିଚାଳନା କରୁଛନ୍ତି ।

